## ହୋଲି ଗଣ୍ଡଗୋଳ, ୬ ଆହତ

ଭଣ୍ଡାରିପୋଖରୀ, (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଦୁଇଦିନ ଧରି ଶାନ୍ତିଶୃଙ୍ଖଳାର ସହ ହୋଲି ଉତ୍ସବ ପାଳିତ ହୋଇଥିବା ବେଳେ କେତେକ ସ୍ଥାନରେ ଗଣ୍ଡଗୋଳ ଘଟି ୬ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଜଗନ୍ନାଥପ୍ରସାଦ ଗ୍ରାମରେ ରଙ୍ଗ ଖେଳ ସରିଥିବା ବେଳେ ପରବର୍ତ୍ତୀ ସମୟରେ ସାମାନ୍ୟ କଥାକୁ ନେଇ ଗଣ୍ଡଗୋଳ ଘଟିଥିଲା। ଏଥିରେ ୪ରୁ ଅଧିକ ଆହତ ହୋଇଥିଲେ। ଏନେଇ ଦୁଇପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ଛତାବର ଓ ନେଉଳିଆ ଅଞ୍ଚଳରେ ଗଣ୍ଡଗୋଳ ଘଟି ଦୁଇଜଣ ଆହତ ହୋଇଛନ୍ତି।

## ସଂକ୍ଷେପରେ

### ଆହତ ହରିଣର ମୃତ୍ୟୁ



ଗୋପବନ୍ଧୁ ନଗର,୯।୩(ଡି.ଏନ.ଏ.)- ନୀଳଗିରି ଅଞ୍ଚଳରୁ ଖସି ପଳାଇ ଆସିଥିବା ଏକ ହରିଣର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ୩ ବର୍ଷ ବୟସର ଏହି ହରିଣଟି ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ଖିରିପଦା ଗ୍ରାମକୁ ପଶି ଆସିବା ପରେ ଗ୍ରାମର ଏକାଧିକ ବୁଲା କୁକୁର ତାକୁ କାମୁଡ଼ି ଦେଇଥିଲେ। ଫଳରେ ହରିଣଟି ଆହତ ଅବସ୍ଥାରେ ମନ୍ଦିର ସମ୍ମୁଖରେ ପଡ଼ିରହିଥିଲା। ଗ୍ରାମବାସୀ ତାକୁ ଧରି ରଖିବା ସହ ବନ ବିଭାଗକୁ ଖବର ଦେଇଥିଲେ। ଉଦଳା ଓ କୁଆମରା ବନ ବିଭାଗ କର୍ମଚାରୀ ପହଞ୍ଚି ଆହତ ହରିଣଟିକୁ ଚିକିତ୍ସା ନିମନ୍ତେ ଉଦଳା ନେଇଥିଲେ ମଧ ସେଠାରେ ତାର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପୋତି ଦିଆ ଯାଇଥିବା ସୂଚନା ମିଳିଛି। ହରିଣଟିର ଓଜନ ପାଖାପାଖି ୬୦ କେଜି ହେବ ବୋଲି ଅନୁମାନ କରାଯାଇଛି।

### ୧୫ରୁ ଡ୍ରାଇଭର ମହାସଂଘର ଧାରଣା

ମୋରଡ଼ା,୯।୩(ଡି.ଏନ.ଏ.)- ଓଡ଼ିଶା ଡ୍ରାଇଭର ମହାସଂଘର ଆହ୍ୱାନ କ୍ରମେ ରାଜ୍ୟର ବିଭିନ୍ନ ସଂଗଠନର ସମର୍ଥନରେ ଆସନ୍ତା ୧୫ ତାରିଖରେ ରାଜ୍ୟବ୍ୟାପୀ ଡ୍ରାଇଭର ସମାଜ ଷ୍ଟେରିଙ୍ଗ ଛାଡ଼ି ରାଜରାସ୍ତାରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ। ଏନେଇ ମୋରଡ଼ା ବ୍ଲକ ଡ୍ରାଇଭର ମହାସଂଘ ତରଫରୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଇଛି। ତେବେ ଧାରଣାସ୍ଥଳରେ କୌଣସି ପ୍ରକାର ହିଂସାକୁ ସମର୍ଥନ କରାଯିବ ନାହିଁ ବୋଲି ମୋରଡ଼ା ବ୍ଲକ ଡ୍ରାଇଭର ମହାସଂଘର ସଭାପତି ଏସ୍‌କେ. ଆନ୍ନାତୁଲା, ହରିପଦ ମହାନ୍ତ କହିଛନ୍ତି।

### ଜ୍ୱାଇଁ ଘରେ ଶ୍ୱଶୁରଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୯।୩(ଡି.ଏନ.ଏ.)- ଜ୍ୱାଇଁ ଘରକୁ ବୁଲିବାକୁ ଆସିଥିବା ଶ୍ୱଶୁରଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତକ ହେଲେ କପ୍ତିପଦା ଥାନା ଅନ୍ତର୍ଗତ ମାଛିଆ ଗ୍ରାମର ନବୀନ ପାତ୍ର (୬୫)। ଦୁଇ ଦିନ ତଳେ ସେ ଖୁଣ୍ଟା ଥାନା ଅଧୀନ କରକଟିଆ ଗ୍ରାମର ଜ୍ୱାଇଁ ଘରକୁ ବୁଲିବାକୁ ଆସିଥିଲେ। ବୁଧବାର ରାତିରେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ନବୀନଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୩) ରୁଜୁ ହୋଇଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଢେଙ୍କିକୋଟ,୯।୩(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କାଶିବେଡ଼ା ଗ୍ରାମର ଭଦ୍ରବ୍ୟକ୍ତି ନବଘନ ମାନସିଂହ(୭୪)ଙ୍କ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ କେନ୍ଦୁଝର ଓ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ୧୦ ବର୍ଷ ସରପଞ୍ଚ ଓ ୫ ବର୍ଷ ସମିତିସଭ୍ୟ ଭାବେ ଅଞ୍ଚଳର ସେବା କରିଥିଲେ। ଜଣେ ମିଷ୍ଟ ଭାଷୀ, ମେଳାପୀ ଥିବା ବେଳେ



ଅଞ୍ଚଳର ପାରିବାରିକ ଓ ଅନ୍ୟାନ୍ୟ ସମସ୍ୟା ନେଇ ତାଙ୍କ ନିକଟକୁ ଦୈନିକ ବହୁ ଲୋକ ଆସୁଥିଲେ। ଗୁରୁବାର ତାଙ୍କ ମର ଶରୀର ନିଜ ଗ୍ରାମରେ ପହଞ୍ଚିବା ପରେ ବହୁ ବ୍ୟକ୍ତି ବିଶେଷ ଓ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ ଶୋଭାଯାତ୍ରାରେ ଢେଙ୍କିକୋଟ ବଜାର ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ତାଙ୍କ ଉଦ୍ଦେଶ୍ୟରେ ଢେଙ୍କିକୋଟ ବଜାର ବନ୍ଦ କରାଯାଇଥିଲା।

# ବର୍ଷା ସତ୍ତ୍ୱେ ଲିଭୁନି ନିଆଁ

## ୬୦ ପଏଣ୍ଟରେ ଜଳୁଛି ଶିମିଳିପାଳ

ବାରିପଦା ଅଫିସ,୯।୩

ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁ ବଢ଼ିବାରେ ଲାଗିଛି। ଗୁରୁବାର ଅଭୟାରଣ୍ୟର ଉତ୍ତର ଓ ଦକ୍ଷିଣ ଡିଭିଜନର ୬୦ଟି ପଏଣ୍ଟରେ ନିଆଁ ଜଳୁଥିବା ନେଇ ସାଟେଲାଇଟ ଚିତ୍ରରୁ ଜଣାପଡ଼ିଛି। ବୁଧବାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ଯଶିପୁର ଅଞ୍ଚଳରେ ୨ମିମି. ବର୍ଷା ରେକର୍ଡ କରାଯାଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଏହି ବର୍ଷା ନିଆଁକୁ ରୋକିବାରେ ସହାୟକ ହୋଇପାରୁ ନ ଥିବା ବେଳେ ଦିନକୁ ଦିନ ବନାଗ୍ନି ବୃଦ୍ଧି ପାଇବା ଚିନ୍ତାର କାରଣ ପାଲଟିଛି । ତେବେ ଅପରାହ୍ନ ସୁଦ୍ଧା ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇଥିବା ନେଇ ଦୁଇ ଉପ ନିର୍ଦ୍ଦେଶକ ସମାଟ ଗୌଡ଼ା ଓ ସାଇ କିରଣ ପ୍ରକାଶ କରିଛନ୍ତି।

ଗୁରୁବାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଡିଭିଜନର ୩୦ ଓ ଦକ୍ଷିଣ ଡିଭିଜନର ୩୦ଟି ସ୍ଥାନରେ ନିଆଁ ଲାଗିଛି। ନିଆଁକୁ ଆୟତ୍ତ କରିବା ପାଇଁ ବନ କର୍ମଚାରୀମାନେ ପ୍ରାଣମୁର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ଫାୟାର ଲାଇନ ମାଧ୍ୟମରେ ନିଆଁ ଜଳୁଥିବା ସ୍ଥାନକୁ ଘେରାଉ କରି ଆୟତ୍ତ କରାଯାଉଛି। ପ୍ରତିଦିନ ବ୍ଲୋୟାର ମେଶିନ ମାଧ୍ୟମରେ ଫାୟାର ଲାଇନ ସୃଷ୍ଟି କରାଯାଉଥିବା ବେଳେ ବଫର ଅଞ୍ଚଳରେ ବସବାସ କରୁଥିବା ବନବାସୀ ଓ ଆଦିବାସୀମାନଙ୍କୁ ସଚେତନ କରାଯାଉଛି। ଅଦ୍ୟାବଧି ୯୦ପ୍ରତିଶତ ନିଆଁକୁ ରୋକିବାରେ ବନବିଭାଗ ସଫଳ ହୋଇଛି। ଆଗାମୀ ଦିନରେ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇ ବନାଗ୍ନିକୁ ପ୍ରଶମିତ କରାଯିବ। ୨୦୨୧ରେ ହୋଇଥିବା ଶିମିଳିପାଳ ଅଭୟାରଣ୍ୟ ବନାଗ୍ନିର ଭୟାବହତା ଚଳିତ ବର୍ଷ ଦୋହରାଇବାକୁ ଦିଆଯିବ ନାହିଁ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି ତେବେ ପ୍ରତିବର୍ଷ ଶିମିଳିପାଳରେ ନିଆଁ ଲାଗୁଥିବାରୁ ଅଭୟାରଣ୍ୟରେ ଜୀବଜନ୍ତୁଙ୍କ ସଂଖ୍ୟା କମିବାରେ ଲାଗିଛି। ଶିକାର ଓ ମହୁଲ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଲଗାଯାଉଥିବା ନିଆଁକୁ ପ୍ରତିହତ କରିବା ପାଇଁ ବନବିଭାଗ ବିଭିନ୍ନ ଯୋଜନା ହାତକୁ ନେଇଛି। ମନ୍ଦ ଉଦ୍ଦେଶ୍ୟ ରଖି ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। ତେବେ ବନାଗ୍ନି ଯୋଗୁ ତୃଣଭୋଜି ପ୍ରାଣୀଙ୍କ ଖାଦ୍ୟ ସଙ୍କଟ ବଢ଼ିବା ନେଇ ଆଶଙ୍କା କରାଯାଉଥିବା ବେଳେ ଏଥିପ୍ରତି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ବନ୍ୟପ୍ରାଣୀ ପ୍ରେମୀମାନେ ଦାବି କରିଛନ୍ତି।

# ବାସୁଦେବପୁର ମହୋତ୍ସବ ଉଦ୍‌ଯାପିତ



ସାହିତ୍ୟିକ ଶିବପ୍ରସାଦ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାସୁଦେବପୁର,୯।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଆନୁକୂଲ୍ୟରେ ଯାଦବ ପଡ଼ିଆରେ ଚାଲିଥିବା ବାସୁଦେବପୁର ମହୋତ୍ସବ 'ବାସୁଦେବାୟନ' ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରତାପ ଦେବ ଯୋଗଦେଇ କହିଥିଲେ, ବାସୁଦେବପୁରର ଅତୀତ ଇତିହାସ, ଐତିହ୍ୟ ଓ ପରମ୍ପରା ମହାନ। ଏହା ରାଜ୍ୟକୁ ସବୁ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେଇଛି। ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ବରେଣ୍ୟ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗ ଦେଇଥିଲେ। ପୌରାଧ୍ୟକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିଥିଲେ। ମହୋତ୍ସବ କମିଟି ସଭାପତି ଶୁଭେନ୍ଦୁ ଭୂଷଣ ବେହେରା, ସମ୍ପାଦକ ଅସିତ ଦାସ, ଉପସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ସହସମ୍ପାଦକ ଉତ୍ତମ ବାରିକ, ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ଉପସ୍ଥିତ ଥିଲେ। ବରିଷ୍ଠ ସାହିତ୍ୟିକ ଶିବପ୍ରସାଦ ଦାଶ, ପାଲାଗାୟକ ସାବିତ୍ରୀ ମହାରଣା, ଆଦ୍ୟାଶା ଦାଶ, ଗୀତିକାର ପଞ୍ଚାନନ ନାୟକ, ସମୀର କୁମାର ପାଣିଗ୍ରାହୀ, ସିଦ୍ଧାନ୍ତ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ନୃତ୍ୟଗୀତରେ ଦର୍ଶକ ଝୁମିଥିଲେ।

# ଦୃଷ୍ଟିହୀନ ପିଲାଙ୍କ ସହ ରଙ୍ଗ ଖେଳିଲେ ବିଧାୟକ




ଦୃଷ୍ଟିହୀନ ପିଲାଙ୍କ ସହ ରଙ୍ଗ ଖେଳ।

ବାଲେଶ୍ୱର ଅଫିସ, ୯।୩

ବାଲେଶ୍ୱରର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେବଦୀବ ଫାଉଣ୍ଡେଶନ ତରଫରୁ ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଫାଉଣ୍ଡେଶନ ଅଧ୍ୟକ୍ଷା ରଶ୍ମିରେଖା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଇତିକୃଷ୍ଣା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ସ୍ୱାଗତିକା ବାରିକ ସ୍ୱାଗତଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଫାଉଣ୍ଡେଶନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଆଲୋକ ସାହୁ, ଉପନଗରପାଳ କୈଳାସ ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତ, କାଉନସିଲର ମୀନା ମହାନ୍ତି, ମୀତା ପଟ୍ଟନାୟକ, ମିରାଜ ବାନୋ, ସନ୍ଧ୍ୟାରାଣୀ ଜେନା, ସବିତାରାଣୀ ଜେନା, ସେକ୍ ଆୟୁବ, ରାଜଲକ୍ଷ୍ମୀ ଚାଟାର୍ଜୀ, ଜୟଶ୍ରୀ ବିଶ୍ୱାଳ, ମୋନାଲିସା ପାଣିଗ୍ରାହୀ, ଦୀପାରାଣୀ ସାହୁ, ସେକ ଅନସର, ସୁନିଆ ମୁର୍ମୁ, ମିନତୀ ସେଠୀ, ସାକିର ଖାନ, ରିତିକ ଜୀ, ଦିପ୍ତୀମୟୀ ସାହୁ ଏବଂ ବିଦ୍ୟାଳୟ ଅଧ୍ୟକ୍ଷ ଦିବାକର ସ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସାଧାରଣ ସମ୍ପାଦିକା ପିଙ୍କିରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାରେ ମହିଳା ମୃତ

ସୋର, ୯।୩(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସୋର-କୁପାରୀ ରାସ୍ତା କାନପୁର ଛକରେ ଗତ ୭ ତାରିଖ ଅପରାହ୍ନରେ ଏକ ଡିଜି ବୋଝେଇ ପିକ୍‌ଅପ୍ ଗାଡି ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ପିକ୍‌ଅପ୍‌କୁ ନିଆଁ ଲଗାଇ ଜାଳିଦେଇଥିବା ବେଳେ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରି ରାସ୍ତା ଅବରୋଧ ହଟାଇଛି।

କାନପୁର ଗ୍ରାମର ରବୀନ୍ଦ୍ର ଦାସଙ୍କ ସ୍ତ୍ରୀ ପ୍ରମିଳା(୫୦) ଗ୍ରାମ ନିକଟ କୁଡେଇ ଗ୍ରାମରେ ଆୟୋଜିତ ମେଳଣ ଦେଖି ପୁତୁରା ଓ ଝିଆରୀଙ୍କ ସହ ଘରକୁ ଫେରୁଥିଲେ। ଏହି ସମୟରେ ପଛରୁ ଡିଜି ଲୋଡ କରି ଏକ ପିକ୍‌ଅପ୍ ଆସୁଥିଲା। ପିକ୍‌ଅପ୍ ଭାରସାମ୍ୟ ହରାଇ ରାସ୍ତା ଓପରେ ଓଲଟି ପଡିବାରୁ ଡିଜି ପ୍ରମିଳାଙ୍କ ଉପରେ ଓଲଟି ପଡିଥିଲା। ଡିଜି ତଳେ ଚାପି ହୋଇ ରହିଥିବା ପ୍ରମିଳାଙ୍କୁ ମୃତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ତାଙ୍କ ସାଙ୍ଗରେ ଥିବା ପୁତୁରା ଓ ଝିଆରୀ ସାମାନ୍ୟ ଆହତ ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ ପିକ୍‌ଅପରେ ନିଆଁ ଲଗାଇ ଦେଇଥିବା ବେଳେ ମୃତ ପ୍ରମିଳାଙ୍କ ପରିବାରକୁ ସହାୟତା ଦାବିରେ ରାସ୍ତା ଅବରୋଧ କରିଥିଲେ। ସୋର ଥାନା ଭାରପ୍ରାପ୍ତ ଅଧିକାରିଣୀ ସୁଜାତା ଖମାରୀ, ଏସ୍‌ଡିପିଓ ଶଶାଙ୍କ ଶେଖର ବେଉରା, ତହସିଲଦାର ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରି ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ଘୋଷଣା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ପ୍ରମିଳାଙ୍କ ମୃତଦେହ ସୋର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି।

# ୨୩୨୧୬ ଛାତ୍ରୀଛାତ୍ର ଦେବେ ମାଟ୍ରିକ୍ ପରୀକ୍ଷା

## ୨୪ ସମ୍ବେଦନଶୀଳ, ୧୧ ନୋଡାଲ ପରୀକ୍ଷାକେନ୍ଦ୍ର

କେନ୍ଦୁଝର,୯।୩ (ସ୍ୱ.ପ୍ର.)

ମାର୍ଚ୍ଚ ୧୦ ତାରିଖରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଚଳିତ ବର୍ଷ କେନ୍ଦୁଝର ଜିଲାର ୨୩୨୧୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏନେଇ ୧୪୨ କେନ୍ଦ୍ର ହୋଇଥିବା ବେଳେ ୧୧ଟି ନୋଡାଲ ପରୀକ୍ଷାକେନ୍ଦ୍ର କରାଯାଇଛି। ସୁପରିଚାଳନା ନିମନ୍ତେ ୩୯ଟି ଡେସପାଚ୍ ଟିମ୍ ଗଠନ ହୋଇଛି। ଚଳିତ ବର୍ଷ ୨୪ ପରୀକ୍ଷା କେନ୍ଦ୍ରକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ନିର୍ଦ୍ଧାରିତ ୧୩୮ ପରୀକ୍ଷାକେନ୍ଦ୍ରରେ ୪୭୧ଟି ବିଦ୍ୟାଳୟର ୨୩୦୩୭ଜଣ ରେଗୁଲାର, ୨ଟି ପରୀକ୍ଷା କେନ୍ଦ୍ରରେ ୬୧ଜଣ ପତ୍ରବିନିମୟ, ୨ଟି ପରୀକ୍ଷା କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ(ଏସ୍‌ଓଏସ୍‌ସି) ୧୧୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ପରୀକ୍ଷା ହଲକୁ ଯାଉଥିବା ଛାତ୍ରୀଛାତ୍ର ଏବଂ ପରୀକ୍ଷା ପରିଚାଳନା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭଲଭାବେ ଯାଞ୍ଚ କରି କେନ୍ଦ୍ର ମଧ୍ୟକୁ ଛାଡ଼ିବାକୁ ନିର୍ଦ୍ଦେଶ ରହିଛି। ସମସ୍ତ ପରୀକ୍ଷା କେନ୍ଦ୍ର ନିମନ୍ତେ ଆବଶ୍ୟକ ପର୍ଯ୍ୟବେକ୍ଷକ ୩୫୨ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲାସ୍ତରରେ ୩ଟି ଫ୍ଲାଇଂ ସ୍କ୍ୱାଡ ଏବଂ ମାଧ୍ୟମିକ ଶିକ୍ଷା ପରିଷଦ, କଟକ ପକ୍ଷରୁ ଗୋଟିଏ ଫ୍ଲାଇଂ ସ୍କ୍ୱାଡ ମୃତୟନ ରହିବେ। ପ୍ରଶ୍ନପତ୍ର ଏବଂ ଉତ୍ତର ଖାତା ରହୁଥିବା ଷ୍ଟ୍ରଙ୍ଗ ରୁମ୍‌ରେ ୨୪ ଘଣ୍ଟିଆ ପ୍ରହରା, ପରୀକ୍ଷା କେନ୍ଦ୍ରରେ ପୋଲିସ ମୃତୟନ, ବିଦ୍ୟୁତ୍ ଓ ପିଇବା ପାଣି ବ୍ୟବସ୍ଥା ସହ ପରୀକ୍ଷା ପରିଚାଳନାରେ ବାଧା ସୃଷ୍ଟି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ସେଠୀ କହିଛନ୍ତି। ନୋଡ଼ାଲ ସେଣ୍ଟର ଗୁଡ଼ିକ ମଧ୍ୟରେ ଆନନ୍ଦପୁର ଓ ଘସିପୁରା ବ୍ଲକ୍ ପାଇଁ ବିଏନ୍ ଉଚ୍ଚ ବିଦ୍ୟାଳୟ, ହାଟଡ଼ିହୀ ଉଚ୍ଚ ବିଦ୍ୟାଳୟ, ଚମ୍ପୁଆ ପାଇଁ ମହତାବ ଉଚ୍ଚ ବିଦ୍ୟାଳୟ, ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ, ଯୋଡ଼ା ବନେଇକଳା ଉଚ୍ଚ ବିଦ୍ୟାଳୟ, ଘଟଗାଁ ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ହରିଚନ୍ଦନପୁର ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ସଦର ଓ ବାଂଶପାଳ ବ୍ଲକ୍ ପାଇଁ ଧନୁର୍ଜୟନାରାୟଣ ଉଚ୍ଚ ବିଦ୍ୟାଳୟ, ପାଟଣା ପାଇଁ ଜିଏନ୍ ଉଚ୍ଚ ବିଦ୍ୟାଳୟ ସ୍ୱାମପାଟଣା, ସାହାରପଡ଼ା ହାଇସ୍କୁଲ ଏବଂ ତେଲକୋଇ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଏତଦ୍‌ବ୍ୟତୀତ ମଧ୍ୟମା ପରୀକ୍ଷା ପାଇଁ ଆନନ୍ଦପୁର ବିଏନ୍ ହାଇସ୍କୁଲ ଏବଂ ହାଟଡ଼ିହୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସ୍‌ଓଏସ୍‌ସି) ପରୀକ୍ଷା କେନ୍ଦ୍ର ପାଇଁ ଯୋଡ଼ା ବ୍ଲକ୍‌ର ବନେଇକଳା ହାଇସ୍କୁଲ ଏବଂ କେନ୍ଦୁଝର ଡିଏନ୍ ହାଇସ୍କୁଲ ପରୀକ୍ଷା କେନ୍ଦ୍ର କରାଯାଇଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଅଙ୍ଗନୱାଡି କର୍ମୀ ସଂଘର ବିକ୍ଷୋଭ

ଭଦ୍ରକ ଅଫିସ,୯।୩

ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନର ଭଦ୍ରକ ଶାଖା ପକ୍ଷରୁ ୮ ଦଫା ଦାବି ନେଇ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାନେତ୍ରୀ ଜୟନ୍ତୀ ଜେନା ଓ ସମ୍ପାଦିକା ଅନ୍ନପୂର୍ଣ୍ଣା ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଅଙ୍ଗନୱାଡି କର୍ମୀ ସ୍ଥାନୀୟ ବାଲ୍‌ଗୋପାଳ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବରୁ ରାଜଧାନୀରେ ଆନ୍ଦୋଳନ ବେଳେ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ମାତ୍ର ଆଜି ଯାଏ ଦାବି ପୂରଣ ହୋଇ ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।



ଅଙ୍ଗନୱାଡି କର୍ମୀ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ୬ କର୍ମୀଙ୍କୁ ପୁନଃ ନିଯୁକ୍ତି, ସରକାରୀ କର୍ମଚାରୀ ମାନ୍ୟତା, ମାସିକ ୧୮ ହଜାର ଟଙ୍କା ଏବଂ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ, ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଆଦି ୮ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କୁ ପ୍ରଦାନ କରାଯାଇଥିଲା। ଭାରତୀୟ ମଜଦୁର ସଂଘର ମଧୁସୂଦନ ପତି, ଅଙ୍ଗନୱାଡି କର୍ମୀ ସଂଘର ମାଧବୀଲତା ନାୟକ, ପ୍ରଣତୀ ପାଣିଗ୍ରାହୀ, କମଳିନୀ ମଲ୍ଲିକ, ସଫିକା ଶେରାୱତ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

# ତଦନ୍ତ କଲେ ବ୍ଲକ୍ ଶିକ୍ଷାଧିକାରୀ

## ମଧ୍ୟାହ୍ନ ଭୋଜନରେ ଅବ୍ୟବସ୍ଥା ଘଟଣା

ଯୋଡ଼ା,୯।୩(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ କମାରଯୋଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅବ୍ୟବସ୍ଥା। ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ଘଟଣାରେ ଗୁରୁବାର ଯୋଡ଼ା ବ୍ଲକ୍ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା ବିଦ୍ୟାଳୟକୁ ଯାଇ ଯାଞ୍ଚ କରିଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଳୟରେ ଖାଦ୍ୟ ନିମ୍ନମାନର ଓ ମେନୁ ଅନୁସାରେ ଖାଦ୍ୟ ଦିଆଯାଉ ନ ଥିବା ଅଭିଯୋଗ ହେଉଥିଲା। ଏନେଇ ଛାତ୍ରୀଛାତ୍ର ପ୍ରତିବାଦ କଲେ ପ୍ରଧାନଶିକ୍ଷୟିତ୍ରୀ ସାର୍ଟିଫିକେଟ ନେଇ ଚାଲିଯିବାକୁ ଧମକ ଦେଉଥିଲେ। ସ୍ଥାନୀୟ ୧୧ନଂ. ୱାର୍ଡ କାଉନ୍‌ସିଲର ବରୁଣ ଆପଟ୍ଟ ବିଦ୍ୟାଳୟ ଯାଇ ସତ୍ୟାସତ୍ୟ ଜାଣିବାକୁ ପାଇଥିଲେ। ପରେ ଖବରଦାତାଙ୍କୁ ଡକାଇ ଏ ବାବଦରେ ଅବଗତ କରାଇଥିଲେ। ଏ ସମ୍ପର୍କରେ ବିଇଓ ହାଁସଦା ପ୍ରତିକ୍ରିୟାରେ କହିଛନ୍ତି, ଅଭିଯୋଗ ଆଧାରରେ ତଦନ୍ତ କରାଯାଇଛି। କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି, ବିଇଓଙ୍କ ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଉନ୍ନୟନ କାର୍ଯ୍ୟକୁ ବିରୋଧ ନେଇ ଅସନ୍ତୋଷ

## ସରପଞ୍ଚଙ୍କୁ ଜଣାଇଲେ ଗ୍ରାମବାସୀ

ହାଟଡ଼ିହୀ,୯।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳନିଆ ପଞ୍ଚାୟତରେ କିଛି ସ୍ୱାର୍ଥନିଷ୍ଠ ବ୍ୟକ୍ତିଙ୍କ ଯୋଗୁ ଉନ୍ନୟନ କାର୍ଯ୍ୟ ଆଗେଇ ପାରୁନାହିଁ। ବିଭିନ୍ନ ସମୟରେ ଉନ୍ନୟନ କାର୍ଯ୍ୟକୁ ବେଆଇନ ଦର୍ଶାଇ ବାଧା ଉପୁଯାଉଛନ୍ତି। ଫଳରେ ଏମଜିଏନ୍‌ଆରଇଜିଏସ୍‌ରେ ଅନୁମୋଦିତ ବହୁ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ଏନେଇ ଶତାଧିକ ଗ୍ରାମବାସୀ ଶାଳନିଆ ସରପଞ୍ଚଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୧-୨୦୨୨ ବର୍ଷରେ ଗ୍ରାମସଭା ଦ୍ୱାରା ସୋଲପଟା ଖେଳପଡ଼ିଆ ଭୂମି ଉନ୍ନତିକରଣ, ସୋଲପଟା କେନାଲ ବ୍ରିଜଠାରୁ ହରିଜନ ସାହି ରାସ୍ତା ଉନ୍ନତିକରଣ, ମନୋହରପୁରସ୍ଥିତ ଗୋବିନ୍ଦ ପାଣିଗ୍ରାହୀଙ୍କ ଘରଠାରୁ ଶରତ ମୁଖିଙ୍କ ଘର ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ ପାଇଁ ଅନୁମୋଦନ ହୋଇ କାର୍ଯ୍ୟାଦେଶ ଦିଆଯାଇଛି। କିନ୍ତୁ ଅଦ୍ୟାବଧି କୌଣସି ଲେବର ଡିମାଣ୍ଡ ଦିଆଯାଇନି କି ମଷ୍ଟର ରୋଲ ପ୍ରସ୍ତୁତ ମଧ ହୋଇନି। ଗୋଚର ଜମିରେ ରାସ୍ତା ଏବଂ ଖେଳପଡ଼ିଆ ନିର୍ମାଣ ହେଉଥିବା ନେଇ ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ଅଭିଯୋଗ ପରେ କାମ ଆଗେଇ ପାରୁନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିମନ୍ୟୁ ସ୍ୱାଇଁ, ମାନସ ଯେନା, ଅନାଥ ଯେନା, ମାନସ ବେହେରା, ସରୋଜ ନାୟକ, ଉଦୟ ନାଥ ସ୍ୱାଇଁ, ସୁବାଷ ଜେନା, ସୋମନାଥ ମଳିକ, ବଳରାମ ମଳିକଙ୍କ ସମେତ ଶତାଧିକ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସୋଲପଟା ଗ୍ରାମରେ କୌଣସି ଖେଳପଡ଼ିଆ ନାହିଁ। ତେଣୁ ଯେଉଁ ଜମି ଖେଳପଡ଼ିଆ ଭାବେ ବ୍ୟବହାର ହେଉଛି, ଏବେ ସେହି ପଡ଼ିଆଟି ଖାଲୁଆ ହୋଇଗଲାଣି। ଅସରାଏ ବର୍ଷାରେ ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହେଉଛି। ସେହିପରି ପୂର୍ବରୁ ଥିବା ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମରାମତି କରିବାକୁ ସେମାନେ ଦାବି କରିଆସୁଥିଲେ। ବ୍ୟକ୍ତି ଜଣକଙ୍କ ଅଭିଯୋଗ ରାଜନୈତିକ ଏବଂ ନ୍ୟସ୍ତ ସ୍ୱାର୍ଥ ସମ୍ବଳିତ ବୋଲି କହିବା ସହ ସରପଞ୍ଚଙ୍କୁ ଅଭିଯୋଗ କରିଛନ୍ତି। ସରପଞ୍ଚ ସୁମିତ୍ରା ଯେନା କହିଛନ୍ତି, ଅଭିଯୋଗକାରୀ ଯୁବକ କୌଣସି ସ୍ୱାର୍ଥରେ ବିଭିନ୍ନ ସମୟରେ ଅଯଥା ଅଭିଯୋଗ କରି ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଯନ୍ତ୍ରୀ ଧୀରେନ୍ଦ୍ର ମହାଳିକ କହିଛନ୍ତି, ଉକ୍ତ ଗୋଚର ଜମିରେ କୌଣସି କନଷ୍ଟ୍ରକସନ କାର୍ଯ୍ୟ ହେବାର ନାହିଁ। କେବଳ ଭୂମି ଉନ୍ନତିକରଣ ହେବ। ଲୋକଙ୍କ ଘର ନିକଟକୁ ପୂର୍ବରୁ ଥିବା ରାସ୍ତା କେବଳ ମରାମତି ହେବ। କୌଣସି ବେନିୟମ କାର୍ଯ୍ୟ କରାଯାଉନାହିଁ। ଅଭିଯୋଗକାରୀ ଯୁବକ ଅଯଥା ବାଧା ସୃଷ୍ଟି କରୁଛନ୍ତି ବୋଲି କହିଥିଲେ।

## ମେ' ୧୪ରୁ ଜଉ କଣ୍ଢେଇ ବାହାଘର

# ଲାବଣ୍ୟବତୀଙ୍କ ହାତ ଧରିବେ ଇନ୍ଦ୍ରଭାନୁ

ବାଲେଶ୍ୱର ଅଫିସ, ୯।୩

ବାଲେଶ୍ୱର ଜଉ କଣ୍ଢେଇ ବାହାଘର ଉତ୍ସବ କମିଟି ପକ୍ଷରୁ ଚଳିତବର୍ଷ ୧୩ତମ ବାହାଘର ଉତ୍ସବ ପାଇଁ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଉତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ମେ' ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ପାରମ୍ପରିକ ରୀତିରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟନାୟିକା ଲାବଣ୍ୟବତୀ ଓ ଇନ୍ଦ୍ରଭାନୁ ଯଥାକ୍ରମେ କନ୍ୟା ଓ ବରର ନାମକରଣ କରାଯାଇଛି। ଏହି ପାଞ୍ଚଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକନୃତ୍ୟ ଓ ବାଦ୍ୟଦଳଙ୍କୁ ନିମନ୍ତ୍ରଣ କରାଯିବ। ପବିତ୍ର ଦୋଳପୂର୍ଣ୍ଣିମାରେ ବର ଓ କନ୍ୟାଙ୍କ ନାମ ଘୋଷଣା କରାଯିବା ସହ ରାମନବମୀରେ ବରକନ୍ୟାଙ୍କ ବିଗ୍ରହ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ଓ ଚନ୍ଦନ ପୂର୍ଣ୍ଣିମାଦିନ ଲଗ୍ନଧରା କାର୍ଯ୍ୟ ଯଥାବିଧି ଅନୁଷ୍ଠିତ ହେବ। ବୈଠକରେ ଉତ୍ସବ କମିଟି ସମ୍ପାଦକ ଡ. କୁମାର ଗୋପାଳଙ୍କ ସମେତ ଶିଳ୍ପୀ କେଶୁଦାସ, ଗୌରାଙ୍ଗ ପାଣିଗ୍ରାହୀ, ଇଂ. ହୃଷିକେଶ ସାହୁ, ବ୍ୟୋମନାଥ ରଥ, ରଘୁନାଥ ଲେଙ୍କା, ବ୍ରହ୍ମ ରଥ, ରାଜେଶ ଗିରି, ସନ୍ତୋଷ ବିଶ୍ୱାଳ, ଜୟନ୍ତୀ ସାହୁ, ମନସ୍ୱିନୀ ଦେବୀ, କନକଲତା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଜୟ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।




ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର ପ୍ରସ୍ତୁତି ବୈଠକ।

## ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ଭୋଗରାଇ, (ଡ଼ି. ଏନ. ଏ.)-ବାଲେଶ୍ୱର ଜିଲା ଭୋଗରାଇ ଥାନା ଶଙ୍ଖାରି ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ରାତିରେ ମେଶିନ ଭ୍ୟାନ ଏକ ବାଇକକୁ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚକନାମ୍ବାଇ ଗ୍ରାମର ପ୍ରଦୀପ ଜେନା (୨୯)। ବାଇକ୍‌ରେ ବସିଥିବା ଅନ୍ୟଜଣେ ଯୁବକ ଗୁରୁତର ହୋଇଥିବା ବେଳେ ତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାସ୍ଥଳରୁ ମେଶିନ ଭ୍ୟାନ ଚମ୍ପଟ ମାରିଛି। ଭୋଗରାଇ ଥାନାରେ ଏକ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।



## ଆଜି କ'ଣ କେଉଁଠି

ମୟୂରଭଞ୍ଜ

- ଶିମିଳିପାଳକୁ ବନାଗ୍ନିରୁ ସୁରକ୍ଷା ଓ ପାନୀୟ ଜଳଯୋଗାଣ ଦାବିରେ ଭଞ୍ଜସେନାର ଜିଲାପାଳ କାର୍ଯ୍ୟାଳୟ ଘେରାଉ, ସ୍ଥାନ-ବାରିପଦା, ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଚୋରା ମଦ ବିକ୍ରି, ଜଣେ ଗିରଫ

ପଦ୍ମପୁର, ୯।୩(ଡି.ଏନ.ଏ.)-ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ଚୋରା ମଦ ବିକ୍ରି ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ କୃପାସିନ୍ଧୁ ନାୟକ। ସେ ଇଚ୍ଛାପୁର-ବାରିକଛକ ଅଞ୍ଚଳରେ ବହୁଦିନ ଧରି ଚୋରା ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ତାଙ୍କଠାରୁ ୨୭ ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ପୋଲିସ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୪୧/୨୩) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

## ହୋଲି ମହୋତ୍ସବରେ ପ୍ରତିଯୋଗିତା

ବେତନଟୀ,୯।୩(ଡି.ଏନ.ଏ.): ବେତନଟୀ ବ୍ଲକ ଅଧୀନ ବାହାନଡ଼ା ଗ୍ରାମରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମହିଳାମାନଙ୍କ ମଧ୍ୟରେ ଝୋଟି, ନୃତ୍ୟ ପ୍ରତିଯୋଗିତା ଓ କ୍ୟାରମ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏନେଇ ଏକ ସ୍ୱତନ୍ତ୍ର ବୈଠକ ବାହାନଡ଼ା ଗ୍ରାମର ବ୍ୟାଡ୍‌ମିଣ୍ଟନ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ହୋଲି ଉତ୍ସବ କମିଟିର ସଭାପତି ତପନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଦୀପକ କୁମାର ପାତ୍ର, ମୁଖ୍ୟ ବକ୍ତା ରାଧାମୋହନ ବେହେରା, ସ୍ୱତନ୍ତ୍ର ଅତିଥି ବେତନଟୀ ଓକିଲ ସଂଘର ସଭାପତି ପ୍ରବୀର ବାରିକ, ଶିକ୍ଷକ ଘାଷିରାମ ସାହୁ, ଜ୍ୟୋତିରଞ୍ଜନ ପରିଡ଼ା, ହୋଲି କମିଟିର ସମ୍ପାଦକ ନିରଞ୍ଜନ ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ମହୋତ୍ସବକୁ ଅଲୟ ପ୍ରଧାନ, ସଞ୍ଜୟ ବେହେରା, ରିତ ପ୍ରଧାନ, ପ୍ରଭାକର ପୁହାଣ, ନବୀନ ପରିଡ଼ା, ସନ୍ଦୀପ ନାୟକ, ଅନିଲ ପ୍ରଧାନ, ରାଜେଶ ପାତ୍ର, ଗଗନ ରାଉତ, କିଶୋର ବେହେରା, ବିଶ୍ୱଜିତ ନାଏକ ଓ ପ୍ରିୟଜିତ ନାଏକ ପରିଚାଳନା କରିଥିଲେ। ସୁଧାଂଶୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା

ଭଦ୍ରକ ଅଫିସ, ୯।୩: ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ କ୍ଷୁଦ୍ର, ନାମମାତ୍ର, ଭୂମିହୀନ, ଭାଗ ଚାଷୀ, ସ୍ୱୟଂସହାୟକ ଗୋଷ୍ଠୀ, ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟାଙ୍କରୁ ବିଭିନ୍ନ ଋଣ ପାଇଥିବା ଚାଷୀଙ୍କୁ ନେଇ ଜିଲାସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଶହୀଦ ସ୍ମୃତି ଭବନରେ ଆୟୋଜିତ କର୍ମଶାଳାରେ ଗଣେଶ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ବ୍ୟାଙ୍କ ଉପସଭାନେତ୍ରୀ ରଞ୍ଜିତା ସିଂ, ଯୁଗ୍ମ ସଚିବ କୁଳମଣି ପାଢ଼ୀ, ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କ ଉପନିବନ୍ଧକ କରୁଣାକର ମାଝି ଓ ଜିଲା ନାବାର୍ଡ ଅଧିକାରୀ ଜିତେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କାର ଋଣ ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ଦୁଇ ମୃତ ଚାଷୀଙ୍କ ପରିବାରକୁ ୫ଲକ୍ଷ ଟଙ୍କା ବୀମା ଚେକ୍ ପ୍ରଦାନ କରାଯାଇଛି। ଭଦ୍ରକ ସହକାରୀ ନିବନ୍ଧକ ସଦାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଭଦ୍ରକର ନିର୍ଦ୍ଦେଶକ ପ୍ରକାଶ ଜ୍ୟୋତି ମହାକୁଡ଼ ଓ ଯୋଗେନ୍ଦ୍ର କୁମାର ଘଡ଼ାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିରି, ଖସା ଚାଷକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ

### ଷଷ୍ଠ ଜିଲାପରିଷଦ ବୈଠକ

କେନ୍ଦୁଝର,୯।୩(ସ୍ୱ.ପ୍ର.)


ଦରବାର ହଲରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀମାନେ।

କେନ୍ଦୁଝର ଜିଲା ଷଷ୍ଠ ଜିଲା ପରିଷଦର ଚତୁର୍ଥ ଅଧିବେଶନ ଗୁରୁବାର ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁଙ୍କ ଅଧ୍ୟକ୍ଷତାରେ ଅଧିବେଶନରେ ଏମ୍‌ପି ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଜିଲାପାଳ ଆଶିଷ ଠାକ୍‌ରେ, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲା ପରିଷଦର ସଦସ୍ୟା/ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଭିନ୍ନ ବିଭାଗୀୟ ଅଧିକାରୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

କେନ୍ଦୁଝରର ପ୍ରସିଦ୍ଧ 'ବଡ଼ି'ର ଚାହିଦା ଥିବାରୁ ଏଥି ନିମନ୍ତେ ଜିଲାରେ ବିରି, ଖସା ଚାଷକୁ ଅଧିକ ପ୍ରୋତ୍ସାହନ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ କେନ୍ଦୁଝର ବଡ଼ିକୁ ଜିଆଇ ଟାଗିଂ ପାଇଁ ପ୍ରକ୍ରିୟା ଜାରି ରହିଥିବା ପରିପ୍ରେକ୍ଷୀରେ ବଡି ମିଶନ ପ୍ରତିଷ୍ଠା ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏତତ୍‌ବ୍ୟତିତ ବଡ଼ି ତିଆରି ସହିତ ସମ୍ପୃକ୍ତ ଏସ୍‌ଏଚ୍‌ଜି, ପ୍ରଡ୍ୟୁସର ଗ୍ରୁପ ଏବଂ କମ୍ପାନୀ ଜରିଆରେ ବଡ଼ି ପ୍ରସ୍ତୁତି, ପ୍ୟାକେଜିଂକୁ ବ୍ୟାପକ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଜିଲାର ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଓ ପ୍ରଶାସନ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ପାଇଁ ସମସ୍ତଙ୍କର ସାମୁହିକ ଉଦ୍ୟମ ଏକାନ୍ତ ଆବଶ୍ୟକ ବୋଲି ପାଟଣା ବିଧାୟକ କହିଥିଲେ। ପଣସ ମଞ୍ଜିକୁ ପ୍ରକ୍ରିୟାକରଣ କରି ଅଟା ପ୍ରସ୍ତୁତ ନିମନ୍ତେ ୟୁନିଟ/କାରଖାନା ସ୍ଥାପନ ସମ୍ପର୍କରେ ଆଲୋଚନା କରାଯାଇଥିଲା ଏବଂ ଏହାକୁ କୃଷି ଉତ୍ପାଦନ କ୍ଲଷ୍ଟର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲାପାଳ ଲୋକ ପ୍ରତିନିଧି, ସରକାରୀ କର୍ମଚାରୀ ଓ ଜନସାଧାରଣଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ରିପୋର୍ଟ ପ୍ରସ୍ତୁତ ବେଳକୁ ଜିଲା ପରିଷଦ ଅଧିବେଶନ ଜାରି ରହିଥିଲା।

# ମନ୍ଦିରରେ ମୃତଦେହ ରଖି ପୂଜାର୍ଚ୍ଚନା

### ଡାକ୍ତରଙ୍କ ଦ୍ୱାରା ମୃତ ଘୋଷିତ ମହିଳାଙ୍କୁ ବଞ୍ଚାଇବାକୁ ଉଦ୍ୟମ


ମନ୍ଦିର ପରିସରରେ ଅଧିଆ ପଡ଼ିଥିବା ଦୁଇ ମହିଳା।

ଆନନ୍ଦପୁର,୯।୩(ସ୍ୱ.ପ୍ର.)

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଡାକ୍ତରଙ୍କ ଦ୍ୱାରା ମୃତ ଘୋଷିତ ଜଣେ ମହିଳାଙ୍କୁ ବଞ୍ଚାଇବା ଉଦ୍ଦେଶ୍ୟରେ ମନ୍ଦିରରେ ମୃତଦେହ ରଖି ପୂଜାର୍ଚ୍ଚନା କରାଯାଇଛି। ଏଥି ସହ ଦୁଇ ମହିଳା ମନ୍ଦିରରେ ଅଧିଆ ପଡ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅଧୀନ ଫକୀରପୁର ଗ୍ରାମରେ ଏଭଳି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଫକୀରପୁର ବଙ୍ଗାଳିସାହିର ସୁଦାମ ଚରଣ ଦାସଙ୍କ ସ୍ତ୍ରୀ ସସ୍ମିତା ଦାସ (୪୧) ବୁଧବାର ବିଳମ୍ବିତ ରାତିରେ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମୃତଦେହ ଘରକୁ ଆଣିଥିଲେ। ଗୁରୁବାର ସାହିର ଜଣେ ମହିଳାଙ୍କ ଦେହରେ ଠାକୁରାଣୀ ଲାଗିଥିବା କୁହାଯାଉଥିବା ବେଳେ ମୃତ ମହିଳା ଜୀବିତ କି ନାହିଁ ପରିବାର ଲୋକେ ପ୍ରଶ୍ନ କରିଥିଲେ। ଉକ୍ତ ମହିଳା ଜଣଙ୍କ ଫକୀରେଶ୍ୱର ମନ୍ଦିରର ପାଦୁକା ଦେଇ ସସ୍ମିତା ବଞ୍ଚିଥିବା ଦାବି କରିଥିଲେ। ପରେ ଠାକୁରାଣୀ ଲାଗୁଥିବା ମହିଳାଙ୍କ ପରାମର୍ଶ କ୍ରମେ ପରିବାର ଲୋକେ ମୃତଦେହ ବାଲୁଙ୍କେଶ୍ୱର ମନ୍ଦିର ଭିତରେ ରଖି ପୂଜାର୍ଚ୍ଚନା କରିଥିଲେ। ଠାକୁରାଣୀ ଲାଗୁଥିବା ଦୁଇ ମହିଳା ମନ୍ଦିର ପରିସରରେ ଅଧିଆ ମଧ୍ୟ ପଡ଼ିଥିଲେ। ଖବରପାଇ ପୋଲିସ ହସ୍ତକ୍ଷେପ ପରେ ପରିବାର ଲୋକେ ମୃତଦେହ ଫେରାଇ ନେଇଥିଲେ। ପରେ ଅଧିଆ ପଡ଼ିଥିବା ମହିଳା ପୋଲିସ ଉପରେ ବିରକ୍ତି ପ୍ରକାଶ କରିବା ସହ ପୂର୍ବରାତିରେ ଜଣେ ୪୨ ବର୍ଷୀୟ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇଥିବା ଦାବି କରିଥିଲେ। ଏନେଇ ଆନନ୍ଦପୁର ଥାନା ଅଧିକାରିଣୀ ଦେବକୀ ନାଇକଙ୍କୁ ପଚାରିବାରୁ ଅନ୍ଧବିଶ୍ୱାସ ଯୋଗୁ ପରିବାର ଲୋକେ ମୃତ ମହିଳାଙ୍କୁ ମନ୍ଦିରକୁ ନେଇଥିଲେ। ସେମାନଙ୍କୁ ବୁଝାଶୁଝା ପରେ ଶବ ସତ୍କାର ପାଇଁ ନେଇଥିଲେ ବୋଲି କହିଛନ୍ତି।

# ଭାଜପାର ସେବା ପାଇଁ ସଂକଳ୍ପ, ମିଶ୍ରଣ ପର୍ବ


ସମାବେଶରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଭାଜପା ନେତା ଓ କର୍ମୀ।

ଧାମନଗର,୯।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଖଡ଼ିପଦା ପଞ୍ଚାୟତରେ ଭାଜପା ପକ୍ଷରୁ ସେବା ପାଇଁ ସଂକଳ୍ପ ସମାବେଶ ଓ ପଞ୍ଚାୟତସ୍ତରୀୟ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅରବିନ୍ଦ ପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଅନ୍ୟତମ ଅତିଥି ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ, ଧାମନଗର ନିର୍ବାଚନମଣ୍ଡଳୀ ସଂଯୋଜକ ତଥା ପଧାନୀ ସରପଞ୍ଚ ଅଶୋକ କୁମାର ପୁହାଣ, ଜିଲା ଉପସଭାପତି ଚତୁର୍ଭୁଜ ନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଓ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଅନାଦି ଚରଣ ପରିଡ଼ାଙ୍କ ନେତୃତ୍ୱରେ ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ନୂତନ କର୍ମୀଙ୍କୁ ସ୍ୱାଗତ କରାଯାଇଥିଲା। ଜିଲା ଅନୁସୂଚିତ ମୋର୍ଚ୍ଚା ସଭାପତି ପ୍ରମୋଦ କୁମାର ସୂତାର, ଧୂଷୁରୀ ମଣ୍ଡଳ ସଭାପତି ରାମଚନ୍ଦ୍ର ମିଶ୍ର, ଶହୀଦ ମଣ୍ଡଳ ସଭାପତି ଅଜୟ ବଳ, ସୁବାସ ନନ୍ଦ, ବିଶ୍ୱନାଥ ଦାଶ, ନଗେଶ ଭାରତ, ଦେବେନ୍ଦ୍ର ତ୍ରିପାଠୀ, ପୂର୍ବତନ ସରପଞ୍ଚ ବିଜୟ ଦାସ, ଭଗବାନ ଦାସ, ଲକ୍ଷ୍ମୀଧର ପାଣିଗ୍ରାହୀ, ଅନିଲ ଘଡ଼ାଇ, ଲକ୍ଷ୍ମଣ ଘଡ଼ାଇ ପ୍ରମୁଖ ଯୋଗ ଦେଇଥିଲେ। ୧୫ଜଣ ଭାଜପା ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟଶଙ୍କର ନାୟକ ଧନ୍ୟବାଦ ଦେଇଥିଲେ। ପରେ ବିଧାୟକ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ।

## ଦୁର୍ଘଟଣାରେ ୩ ଆହତ

ବୈଶିଙ୍ଗା,୯।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା-ବଡ଼ସାହି ରାସ୍ତାର ମୋହନପୁର ପ୍ରାଥମିକ ବିଦ୍ୟାଳୟଠାରେ ଗୁରୁବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ନୀଳଗିରି ଥାନା ଅଧୀନ ଅଯୋଧ୍ୟା ଗ୍ରାମର ବନମାଳି ସିଂଙ୍କ ପୁଅ ବାବୁଲି (୪୧) ଦିଗାନଗରସ୍ଥିତ ଶ୍ୱଶୁର ଘରକୁ ଆସି ବାଇକ୍ ଯୋଗେ ସ୍ତ୍ରୀ ମୁଗୁନଙ୍କୁ ନେଇ ବଡ଼ସାହି ରାସ୍ତାରେ ଯାଉଥିଲେ। ମହନପୁରଠାରେ ବିପରୀତ ଦିଗରୁ ଆସୁଥିବା ଖଡିକାପଦା ଗ୍ରାମର ସୁରିଆ ସିଂଙ୍କ ପୁଅ ସୋମନାଥ ସିଂଙ୍କ ବାଇକ୍ ସହିତ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମହିଳା ଜଣକ ଦୂରକୁ ଛିଟିକି ପଡ଼ିଥିବାବେଳେ ଦୁଇ ବାଇକ୍ ଆରୋହୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ। ଗୁରୁତର ଦୁଇ ବାଇକ୍ ଆରୋହୀଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ପୋଲିସ ତଦନ୍ତ ଜାରି ରଖିଛି।

## ୩୭ ବିମାନରେ ବିଜେ କଲେ ଦୋଳଗୋବିନ୍ଦ


ମେଳଣରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ,୯।୩ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଦୋଳ ପର୍ବ ପାଳିତ ହୋଇଯାଇଛି। ୩୭ଟି ସୁସଜ୍ଜିତ ବିମାନରେ ଦୋଳଗୋବିନ୍ଦ ବିଜେ କରିଥିଲେ। ଏହି ଅବସରରେ ଯାଦବ ସମ୍ପ୍ରଦାୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମେଳଣ ଉତ୍ସବରେ ବ୍ଲକ ଯାଦବ ସଭାପତି ଧ୍ରୁବ ବାରିକ, ଜିଲା ଯୁବ ଯାଦବ ସଭାପତି ରବି ନାରାୟଣ ଖିଲାର, ଭଣ୍ଡାରିପୋଖରୀ ଯୁବ ଯାଦବ ସଭାପତି ରାଜେଶ ବାରିକ, ସମ୍ପାଦକ ଜଗତ ଜୀବନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଗୁଆମାଳସ୍ଥିତ ଗଣେଶ୍ୱରପୁରଠାରେ ଦାମୋଦରଜୀଉଙ୍କ ବିମାନ ସୁସଜ୍ଜିତ ହୋଇ ଖାଡପଡା ମେଳଣଠାରେ ପହଞ୍ଚିଥିଲା। କମିଟି ମୁଖ୍ୟ ରବି ନାରାୟଣ ଆଚାର୍ଯ୍ୟ, ବ୍ରଜବନ୍ଧୁ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଆଚାର୍ଯ୍ୟ, ସୁବାସ ଆଚାର୍ଯ୍ୟ ଓ ଶିକ୍ଷାବିତ୍ ଗୋଳକବନ୍ଧୁ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ମେଳଣ ଅନୁଷ୍ଠିତ ହୋଇଥିଲା। ଗୋପାଳ ସାହିଠାରେ ଆଇନଜୀବୀ ନିରାକାର ବାରିକ, କୃପାସିନ୍ଧୁ ମହାକୁଡ, ଭକ୍ତବନ୍ଧୁ ଦାସ, ରାଜାରାମ ମହାକୁଡ, ସୀତାରାମ ମହାକୁଡ, କୃପାସିନ୍ଧୁ ମହାକୁଡ, ଶିକ୍ଷାବିତ୍ କୈଳାସ ନାଥ ଶର୍ମା, କାଳନ୍ଦୀ ମହାକୁଡ ପ୍ରମୁଖ ନେତୃତ୍ୱ ନେଇଥିଲେ। ମଢାଗଡିଆ ମେଳଣରେ ଚିତ୍ରଶିଳ୍ପୀ କ୍ରୀଡ଼କ୍ରୀଷ୍ଣା ପଣ୍ଡାଙ୍କ ଦ୍ୱାରା ଅଙ୍କିତ ମେଳଣର ଲୋଗୋ ଉନ୍ମୋଚନ କରାଯାଇଥିଲା। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ କ୍ରୀଡ଼କ୍ରୀଷ୍ଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ସ୍ନେହାଶିଷ ପଣ୍ଡା, ସମିତିସଭ୍ୟ ଭାରତ ବିଜୟ ଦଳେଇ, ସରପଞ୍ଚ ଅନସୂୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୫ ଡିଜେ ଗାଡ଼ି ଥାନାରେ ଅଟକ


ସିମୁଳିଆ ଥାନାରେ ଅଟକ ୫ ଡିଜେ ଗାଡ଼ି।

ସିମୁଳିଆ, ୯।୩(ଡି.ଏନ.ଏ.)

ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଦୋଳ ମେଳଣ ଉତ୍ସବ ପାଳନ ପାଇଁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶବ୍ଦ ପ୍ରଦୂଷଣ ସହିତ ବିଭିନ୍ନ ଗଣ୍ଡଗୋଳକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଡିଜେ ସାଉଣ୍ଡକୁ ବାରଣ କରାଯାଇଛି। ତେବେ ପ୍ରଶାସନର ନିୟମକୁ ଉଲ୍ଲଂଘନ କରିବା ଅଭିଯୋଗରେ ୫ଟି ଡିଜେ ଗାଡ଼ିକୁ ସିମୁଳିଆ ପୋଲିସ ଜବତ କରି ଥାନାରେ ଅଟକ ରଖିଛି।

ଗତ ବୁଧବାର ରାତିରେ ସହଜପଦା, କହ୍ନେଇବିନ୍ଧା ଓ ବାଲିଖଣ୍ଡ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୁରୁବାର ରାତିରେ ଧୋବଗଡ଼ିଆ ଓ ଶୁକ୍ରବାର ରାତିରେ ମଇତାପୁର ମେଳଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରତ୍ୟେକବର୍ଷ ଡିଜେ ସାଉଣ୍ଡକୁ କେନ୍ଦ୍ର କରି ଉପୁଜୁଥିବା ଗଣ୍ଡଗୋଳ ଯୋଗୁ ଚଳିତବର୍ଷ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଠାକୁର ବିମାନଗୁଡ଼ିକୁ ବିଭିନ୍ନ ମଣ୍ଡପରେ ବିଜେ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ସଭାପତି ସମ୍ପାଦକ ଓ ଠାକୁର ବାଡିଆମାନଙ୍କୁ ସୂଚନା ଦିଆଯାଇଥିଲା।

## ମିଶନ ଶକ୍ତି ପକ୍ଷରୁ ମଦ ବିରୋଧୀ ଶୋଭାଯାତ୍ରା

ପାଟଣା,୯।୩(ସ୍ୱ.ପ୍ର.):

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ା ପଞ୍ଚାୟତରେ ମିଶନ ଶକ୍ତି ପକ୍ଷରୁ ଗୁରୁବାର ମଦ ବିରୋଧୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସଚେତନତା ମୂଳକ ଶୋଭାଯାତ୍ରାରେ ମଦ ବନ୍ଦ ସହ ମଦ୍ୟପାନ ଦ୍ୱାରା ହେଉଥିବା କ୍ଷତି ଉପରେ ବିଭିନ୍ନ ପ୍ଲାକାର୍ଡ ଧରି ମହିଳାମାନେ ସ୍ଲୋଗାନ ଦେଇଥିଲେ। ରାଲି କଣ୍ଟିଆପଡ଼ା, ବଲାଣିପଶି, ମାନପୁର, ଭଗପଶି, ଜାମୁନାଳିଆ, ବଡ଼ ଜାମ୍ବୁନାଳିଆ, ପୁରୁଣିଆ ଓ ପାଟ ଧନୁର୍ଯ୍ୟୟପୁର ପରିକ୍ରମା କରିଥିଲା। ଜିପିଆଇଏଫର ସଭାନେତ୍ରୀ ଖୁଲଣା ମହାନ୍ତଙ୍କ ନେତୃତ୍ୱରେ ସ୍ଥାନୀୟ ସରପଞ୍ଚ ଲିନା ନାୟକ, ଏମ୍‌ବିକେ ସସ୍ମିତା ନାଏକ, ଓଡ଼ିଶା କୁଡୁମୀ ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତଙ୍କ ସହ କୃଷିମିତ୍ର, ପ୍ରାଣୀ ମିତ୍ରମାନେ ରାଲିରେ ଭାବ ନେଇଥିଲେ।

## ନୂତନ ପଞ୍ଚାୟତ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ

ଲଙ୍ଗଳେଶ୍ୱର, ୯।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ସଦର ବ୍ଲକ ଆଲୁମେଦା ପଞ୍ଚାୟତର ନୂତନ ଗୃହକୁ ବିଧାୟକ ସ୍ୱରୂପ କୁମାର ଦାସ ଶିଳାନ୍ୟାସ କରିଛନ୍ତି। ଗତ ୨୦୧୭ରେ କଷାଫଳ ପଞ୍ଚାୟତରୁ ବିଭାଜନ ହୋଇ ଆଲୁମେଦା ନାମରେ ନୂତନ ପଞ୍ଚାୟତ ଗଠନ ହୋଇଥିଲା। ମାତ୍ର ପଞ୍ଚାୟତର ସ୍ଥାୟୀ କାର୍ଯ୍ୟାଳୟ ନ ଥିବାରୁ ବାତ୍ୟା ଆଶ୍ରୟସ୍ଥଳୀରେ ସମସ୍ତ କାର୍ଯ୍ୟ ହେଉଥିଲା। ତେଣୁ ନୂତନ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇଆସୁଥିଲା। ଗୁରୁବାର ବିଧାୟକ ଏହି ନୂତନ ଗୃହର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଝାଡ଼େଶ୍ୱର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ସ୍ୱରୂପ ଦାସ ଯୋଗ ଦେଇଥିବା ବେଳେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନୀତା ବେହେରା, ବିଡ଼ିଓ ନରେନ୍ଦ୍ର ଖମାରୀ, ତହସିଲଦାର ନିର୍ଲିପ୍ତା ମହାନ୍ତି, ସରପଞ୍ଚ ମମତା ଜେନା, ସମିତିସଭ୍ୟା ରଙ୍ଗାମଣି ମାଝି, ନାଏବ ସରପଞ୍ଚ ସମ୍ବିତ କୁମାର ମଣ୍ଡଳ, ସଂଗ୍ରାମ ମଲ୍ଲିକ, ଯୁଧିଷ୍ଠିର ମଣ୍ଡଳ, ତରୁଣୀସେନ ଜେନା, କାହ୍ନୁ ପ୍ରଧାନ ଓ ବସନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଡିଜେକୁ ନେଇ ଅସନ୍ତୋଷ

ଖଇରା, ୯।୩(ଡି.ଏନ.ଏ.)

ଚଳିତ ବର୍ଷ ସମସ୍ତ ମେଳାକୁ ବିମାନ ନେଇ ଆସୁଥିବା ମନ୍ଦିର ଓ ମଠ ମାଲିକମାନଙ୍କୁ ବ୍ୟକ୍ତିଗତ ଭାବେ ସାଉଣ୍ଡ ଅନୁମତି ଦିଆଯାଇଥିବା ବେଳେ ସାଉଣ୍ଡକୁ ୬୫ ଡେସିବଲରୁ କମ୍ ରଖିବାକୁ କୁହାଯାଇଥିଲା। ସମସ୍ତ ମନ୍ଦିର ମାଲିକ ଏହାକୁ ମାନିଥିଲେ ହେଁ କିଛି ଶୋଭାଯାତ୍ରା ବେଳେ ଡିଜେ ବ୍ୟବହାର କରିଥିଲେ। ଅତ୍ୟଧିକ ଶବ୍ଦକୁ ନେଇ ଶ୍ରଦ୍ଧାଳୁଙ୍କ ଠାକୁର ଦର୍ଶନରେ ବାଧା ସୃଷ୍ଟି ହୋଇଥିଲା । ଖୋଦ୍ ତହସିଲଦାରଙ୍କ ଉପସ୍ଥିତିରେ ଏହି ଘଟଣା ଘଟିଚାଲିଥିଲା। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଦିନରେ ପ୍ରଶାସନ କଟକଣା ନ କଲେ କିଛି ମନ୍ଦିର ମାଲିକ ଠାକୁର ନ ଆଣିବାକୁ ମଧ୍ୟ ଚେତାବନୀ ଦେଇଛନ୍ତି।

# ଲୋକେ ଜାଳିଦେଲେ ଗାଡ଼ି, ପୋଲିସ ବିକିଦେଲା ବାଲି

### ଡମ୍ପର ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଭୋଗରାଇ, ୯।୩ (ଡ଼ି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥରେ ମଙ୍ଗଳବାର ସନ୍ଧ୍ୟାରେ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ବାଲି ବୋଝେଇ ଡମ୍ପର ଅନନ୍ତପୁର ଛକଠାରେ ଭୋଗରାଇ ଥାନା ରାଇପୁର ଗ୍ରାମର ସାଇକେଲ ଆରୋହୀ ପଦ୍ମଲୋଚନ ପ୍ରଧାନଙ୍କୁ ପଛପଟୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଡିଟି ଦୁର୍ଘଟଣା ଘଟାଇ ଦ୍ରୁତଗତିରେ ପଳାଇଯାଉଥିବା ବେଳେ ସ୍ଥାନୀୟ ଯୁବକ ବାଇକରେ ଯାଇ ମଟେଇବାଡ଼ (ବନାସାଣ )ପୋଲଠାରେ ଗାଡିକୁ ଅଟକାଇ ଡ୍ରାଇଭରଙ୍କୁ କାବୁ କରିବା ସହିତ ମାଡ ମାରିଥିଲେ। ମୃତକଙ୍କ ଗ୍ରାମର ଶତାଧିକ ଯୁବକ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଟାୟାର ଓ କାଠ ଗଣ୍ଡିରଖି ନିଆଁ ଜାଳି ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିବା ସହିତ ଦୀର୍ଘ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଭୋଗରାଇ ଥାନା, ତାଳସାରୀ ମେରାଇନ ଥାନା ଓ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀଙ୍କ ସହିତ ପୋଲିସବାହିନୀ ମୁତୟନ ରହି ସ୍ଥିତି ଉପରେ ନଜର ରଖିଥିଲେ। ଦମକଳବାହିନୀ ଜଳ ପାଇପ ଯୋଗେ ନିଆଁରେ ପୋଡ଼ିଯାଉଥିବା ଗାଡିକୁ ଲିଭାଇଥିଲେ। ଜଳେଶ୍ୱର ଏସ୍‌ଡ଼ିପିଓ ଅଜିତ କୁମାର ସାହୁ ଏବଂ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ରେଡ଼କ୍ରସରୁ ୧୦ହଜାର ଟଙ୍କା ମୃତକଙ୍କ ପରିବାରଙ୍କୁ ପ୍ରଦାନ ପରେ ଆନ୍ଦୋଳନକାରୀମାନେ ରାସ୍ତାରୁ ହଟିଥିଲେ। ଅପରପକ୍ଷରେ ଦଶଚକିଆ ଡମ୍ପରରେ ୧୨ଶହ ଫୁଟ ବାଲି ବୋଝେଇ ଥିବା ବେଳେ ୧ହଜାର ଫୁଟ ବାଲି ରାତିଅଧିଆ ଜେସିବି ଲଗାଇ ଟ୍ରାକ୍ଟରରେ ବୋହିନେଇ ବିକ୍ରି କରାଯାଇଥିବା ଅଭିଯୋଗ ପୋଲିସ ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଡ଼ିଯାଇଥିବା ଗାଡି ପାଖରେ ୨ଜଣ ହୋମଗାର୍ଡ ସହିତ ଜଣେ କନଷ୍ଟେବଳ ରାତି ଡ୍ୟୁଟିରେ ଥିବାବେଳେ ଏଭଳି କିପରି କରାଗଲା ତାହାର ଉଚ୍ଚସ୍ତରୀୟ ତଦନ୍ତ ପରିସରଭୁକ୍ତ କରାଯାଇ ସମ୍ପୃକ୍ତି ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କ ବିରୋଧରେ ଭୋଗରାଇ ଥାନରେ ଏକ ମାମଲା(ନଂ.୮୩/୨୩) ରୁଜୁ ହୋଇଛି। ଡ୍ରାଇଭର ଉତ୍ତରପ୍ରଦେଶର ବିକାଶ ସିଂଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗାଡିକୁ ଭାଙ୍ଗିବା ଓ ପେଟ୍ରୋଲ ଢାଳି ପୋଡିବା, ରାସ୍ତା ଅବରୋଧ କରିବା, ନିଆଁ ଲଗାଇବା, ଠେଲାପେଲା ସହ ଗାଳିଗୁଲଜ କରିବା ଘଟଣାରେ ପୋଲିସ ଶତାଧିକ ଲୋକଙ୍କ ନାମରେ ଅନ୍ୟ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ରାଇଜିଂ ଷ୍ଟୁଡେଣ୍ଟ୍ ଚାମ୍ପିୟନ

### ସର୍ବଭାରତୀୟ ଚିନ୍ମୟ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ୍



ଟ୍ରଫି ସହ ବିଜେତା ଦଳ।

କେନ୍ଦୁଝର,୯।୩(ସ୍ୱ.ପ୍ର)

କେନ୍ଦୁଝର ମାଇନିଂ ସ୍କୁଲ ପଡ଼ିଆଠାରେ ଶଙ୍କର ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ଚିନ୍ମୟ ସ୍ମାରକୀ ସତ୍ୟପ୍ରସନ୍ନ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଏଏସ, କୋଲକୋତାକୁ ହରାଇ କଟକର ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ ହୋଇଛି। ରାଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ୍ ହରାଇ ୧୮୯ ରନ୍ କରିଥିଲା। ଏଏସ୍ ଟିମ୍ ବିଜୟ ଲକ୍ଷ୍ୟ ପିଛା କରି ୧୫ ଓଭର ୪ ବଲ୍ ଖେଳି ସମସ୍ତ ଉଇକେଟ୍ ହରାଇ ୧୧୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟର ବିପ୍ଳବ ସାମନ୍ତରାୟ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଓ ବେଷ୍ଟ ବ୍ୟାଟସମ୍ୟାନ ବିବେଚିତ ହୋଇଥିଲେ। ବେଷ୍ଟ ବୋଲର ଭାବେ ସୂର୍ଯ୍ୟକାନ୍ତ ପ୍ରଧାନ, ବେଷ୍ଟ ଫିଲଡର ପ୍ରଦୀପ୍ତ ଦାଶ, ସୁଜିତ ଲେଙ୍କା ବେଷ୍ଟ ଉଇକେଟକିପର ଭାବେ ପୁରସ୍କୃତ ହୋଇଥିଲେ। ଶଙ୍କର ସ୍ପୋର୍ଟିଂର ସଭାପତି ସୌମ୍ୟଶଙ୍କର ଚକ୍ରଙ୍କ ସଭାପତିତ୍ୱରେ ଅତିଥିମାନେ ଚାମ୍ପିୟନ ଟିମ୍‌କୁ ୨ ଲକ୍ଷ ସହ ଟ୍ରଫି, ଉପ ବିଜେତା ଦଳକୁ ୧ଲକ୍ଷ ଟଙ୍କା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସୂର୍ଯ୍ୟପ୍ରସାଦ ରଥ, ଅସିତ ପଟ୍ଟନାୟକ, ଶରତ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ।

## ଅପହୃତା ନାବାଳିକା ଉଦ୍ଧାର

ଖୁଣ୍ଟା/ଗୋପବନ୍ଧୁ ନଗର, (ଡି.ଏନ.ଏ.)- ଖୁଣ୍ଟା ଥାନା ବାସିପିଠା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୩ତାରିଖ ସନ୍ଧ୍ୟାରେ କେହି ଅପହରଣ କରି ନେଇଥିବା ନେଇ ଅପହୃତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ. ୫୮/୨୩) ରୁଜୁ କରି ତଦନ୍ତ ଚଳାଇ ଥିଲା। ଗୁରୁବାର ଚାନ୍ଦୁଆ ଥାନା ଅନ୍ତର୍ଗତ କାଠଗଣ୍ଡିଆ ଗ୍ରାମରୁ ଅପହୃତାଙ୍କୁ ପୋଲିସ ଉଦ୍ଧାର କରିଛି। ଅପହୃତା ନାବାଳିକା ଜଣକ ଦଶମ ଶ୍ରେଣୀରେ ପଢୁଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ପଦ୍ମପୁର, ୯।୩ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର କଣ୍ଟିଆନାଳି ଛକଠାରେ ଗୁରୁବାର ସକାଳେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧାମରା ଥାନା ଅଧୀନ ଦୋସିଙ୍ଗା ଅଞ୍ଚଳର ମଦନ ବାରୋଇ। ସେ ବିଦେଇପୁରକୁ କାମ କରିବାକୁ ଆସୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। କଷିଆ ସାମୁଦ୍ରିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ମାମଲା (ନଂ.୭୧/୨୩) ରୁଜୁ ହୋଇଛି।

### ୧୨ରେ ଚାନ୍ଦୁଆ ବସ୍ ମାଲିକ ସଂଘ ନିର୍ବାଚନ

#### ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

ଚାନ୍ଦୁଆ,୯।୩(ଡି.ଏନ୍.ଏ): କେନ୍ଦୁଝର ଜିଲା ଚାନ୍ଦୁଆ ଘରୋଇ ବସ ମାଲିକ ସଂଘର ନିର୍ବାଚନ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ୩୬ ଜଣ ନାମାଙ୍କନ ଭରି ଥିବା ବେଳେ ଗୁରୁବାର କାଏମ ରହିଥିବା ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯାଇଛି। ସଭାପତି ପଦ ପାଇଁ ଏମ୍‌ଡି.ଇସରାର ଅଲି ଓ ଉଜ୍ଜ୍ୱଳ ସେଠୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଉପସଭାପତି ପଦ ପାଇଁ ଦିଲ୍ଲୀପ ମହାନ୍ତ ଓ ନରେନ୍ଦ୍ର ମହାନ୍ତ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମ୍ପାଦକ ପଦ ପାଇଁ ଉତ୍ତମ କର ଓ ଭୋଳାନାଥ ମହାନ୍ତ, ସମ୍ପାଦକ ପାଇଁ ଅମିତ ଗିରି ଓ ରଞ୍ଜନ ରଶ୍ମି ଭଞ୍ଜଦେଓ ନିର୍ବାଚନ ଲଢୁଛନ୍ତି। ସେହିପରି କୋଷାଧ୍ୟକ୍ଷ ପାଇଁ କ୍ଷୀରୋଦ ମିଶ୍ର ଅପ୍ରତିଦ୍ୱନ୍ଦ୍ୱି ରହିଛନ୍ତି। ୧୨ ତାରିଖ ସକାଳ ୮ ରୁ ୧ ଟା ପର୍ଯ୍ୟନ୍ତ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟଠାରେ ମତଦାନ ଗ୍ରହଣ ଓ ଦିନ ୩ ଟାରୁ ଭୋଟ ଗଣତି କରାଯିବ। କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବୀ ପ୍ରିୟନାଥ ପତି ପ୍ରିଜାଇଡିଂ ଅଫିସର ଫର ଇଲେକ୍ସନ ଭାବେ କାର୍ଯ୍ୟ ତୁଲାଇବେ। ଆଇନଜୀବୀ ଗଜେନ୍ଦ୍ର ନାଏକ ସହଯୋଗ କରିବେ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।

### ଯୁବକଙ୍କ ମାଡ଼ରେ ୪ ଛାତ୍ର ଗୁରୁତର

ଗୋପବନ୍ଧୁ ନଗର,୯।୩(ଡି.ଏନ.ଏ.)- ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ନୂଆସାହି ଗ୍ରାମର ଜଣେ ଯୁବକଙ୍କ ମାଡ଼ରେ ୪ ଛାତ୍ର ଗୁରୁତର ହୋଇଛନ୍ତି। ଗ୍ରାମ ପଡ଼ିଆରେ ପୂର୍ଣ୍ଣହରି ସିଂ (୨୦), ଗୋପାଳ କୃଷ୍ଣ ସିଂ (୧୯), ସୁଜିତ କୁମାର ସିଂ (୧୬) ଓ ପ୍ରଭାକର ସିଂ (୧୪) ଖେଳୁଥିବା ସମୟରେ ସେହି ଗ୍ରାମର ଘନଶ୍ୟାମ ସିଂ (୪୫) କୌଣସି କାରଣ ନ ଥାଇ ମାରପିଟ କରିଥିଲେ। ପୂର୍ଣ୍ଣହରିଙ୍କ ଖୁଡ଼ି ପ୍ରଭାସିନୀ ଏ ନେଇ କୁଆମରା ଫାଣ୍ଡିରେ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ବି.ବି. ସ୍ୱାଇଁ ଘଟଣାର ତଦନ୍ତ ଚଳାଇଛନ୍ତି। ଅଭିଯୋଗ ଆଧାରରେ ଏକ ମାମଲା (ନଂ.୫୯/୨୩) ରୁଜୁ ପରେ ଅଭିଯୁକ୍ତ ଘନଶ୍ୟାମଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି।

### ପୂର୍ବତନ ବ୍ଲକ କଂଗ୍ରେସ ସଭାପତିଙ୍କ ପରଲୋକ

ଧାମନଗର,୯।୩(ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତର ଶିକ୍ଷାବିତ୍ ତଥା ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ରାମଚନ୍ଦ୍ର ଦାଶ (୮୫)ଙ୍କ ବୁଧବାର ପରଲୋକ ହୋଇଛି। ସେ ଅସୁସ୍ଥ ହୋଇ ଯାଜପୁରରେ ତାଙ୍କ ପୁଅ ପାଖରେ ରହୁଥିଲେ। ସେଠାରୁ ତାଙ୍କ ମରଶରୀରକୁ ପୈତୃକ ବାସଭବନ ପାହଡ଼ପୁରକୁ ଅଣାଯାଇଥିଲା। ପରେ ଶୋଭାଯାତ୍ରାରେ ଆନନ୍ଦପୁର ଓ ଖଡ଼ିପଦା ପଞ୍ଚାୟତ ପରିକ୍ରମା କରାଯାଇଥିଲା। ରାମଚନ୍ଦ୍ର ଆନନ୍ଦପୁର ପଞ୍ଚାୟତର ବହୁ ଉନ୍ନତି ମୂଳକ କାର୍ଯ୍ୟ କରି ପଞ୍ଚାୟତର ବିକାଶ ପୁରୁଷ ଭାବେ ପରିଚିତ ଥିଲେ। ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭାଜପା ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତି, ପୂର୍ବତନ ସରପଞ୍ଚ ବିଜୟ ଦାସ ଓ ଶରତ ଚନ୍ଦ୍ର ମାଝୀ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପତି, ପ୍ରମୋଦ ଆଦିଆ, କଂଗ୍ରେସ ନେତା ବିଦ୍ୟାଧର ଯେନା, ନରେନ୍ଦ୍ର ମଲ୍ଲିକ, ଅମୀୟ ମହାନ୍ତି, ମଦନମୋହନ ଦାସ, ସଞ୍ଜୟ ମିଶ୍ର, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଦାଶ, ବୃନ୍ଦାବନ ମହାନ୍ତି, ଗୋପବନ୍ଧୁ ଖୁଣ୍ଟିଆ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଗୁରୁବାର ଆନନ୍ଦପୁର ବଜାର ଓ ଶିଶୁମନ୍ଦିର ଛକ ବଜାରର ସମସ୍ତ ଦୋକାନ ବନ୍ଦ ରଖାଯାଇଥିଲା।


ରାମଚନ୍ଦ୍ର ଦାଶ

# କାମରେ ଲାଗୁନି ୭ କୋଟିର ବସ୍‌ଷ୍ଟାଣ୍ଡ

■୨୦୧୩ରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ
■ମୁଖ୍ୟରାସ୍ତାରେ ଅଟକି ରହୁଛି ବସ୍
■ଅସମ୍ଭାଳ ହେଉଛି ଟ୍ରାଫିକ୍ ସମସ୍ୟା




କେନ୍ଦୁଝର,୯।୩(ଡି.ଏନ୍.ଏ)

କେନ୍ଦୁଝର ଜିଲା ସଦର ମହକୁମାରେ ନିର୍ମିତ ନୂତନ ବସ୍‌ଷ୍ଟାଣ୍ଡ କାମରେ ଲାଗୁନାହିଁ। ୧୦ ବର୍ଷ ପୂର୍ବେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଷ୍ଟାଣ୍ଡ ପରିସରରେ ଫୁଡ୍‌କୋର୍ଟ, ପ୍ରତୀକ୍ଷାଳୟ ଓ ଏଟିଏମ୍ ଭଳି ଅତ୍ୟାଧୁନିକ ସୁବିଧା ରହିଛି। ମାତ୍ର ବସ୍ ସୁରକ୍ଷା ଓ ଅନ୍ୟାନ୍ୟ ସମସ୍ୟା ଦର୍ଶାଇ ମାଲିକମାନେ ଷ୍ଟାଣ୍ଡକୁ ବସ୍ ନେଉନାହାନ୍ତି। ଫଳରେ ମୁଖ୍ୟ ରାସ୍ତାରେ ବସ୍ ରଖୁଥିବାରୁ ଟ୍ରାଫିକ୍ ବ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ବିଶେଷ କରି ରବିବାର କେନ୍ଦୁଝର ସହରର ତହସିଲ ଛକ, କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଛକ, ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ସିରାଜୁଦ୍ଦିନ ଛକ, ଡିଆଇ ଅଫିସ ଛକଠାରୁ ପୋଲିସ କଲ୍ୟାଣ ମଣ୍ଡପ ଛକ ପର୍ଯ୍ୟନ୍ତ ରାସ୍ତାରେ ବସ୍ ରହଣି ସହ ବଡ଼ ଯାନ ଘଣ୍ଟାଧିକ ସମୟ ରାସ୍ତାରେ ଅଟକି ରହୁଛି। ଅସମ୍ଭାଳ ଭିଡ଼ କାରଣରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି।

ସୂଚନାଯୋଗ୍ୟ, କେନ୍ଦୁଝର ସହରବାସୀଙ୍କ ଦୀର୍ଘଦିନର ଦାବିକୁ ନେଇ ୨୦୧୩ ଜାନୁୟାରୀ ୩୧ରେ ସଦର ମହକୁମାରେ ୨.୭ ଏକର ପରିମିତ ଜାଗାରେ ନୂତନ ବସ୍‌ଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ୭ କୋଟି ବ୍ୟୟରେ କାର୍, ଟ୍ୟାକ୍ସି, ଅଟୋରିକ୍ସା ପ୍ରଭୃତିର ପାର୍କିଂ ବ୍ୟବସ୍ଥା, ବସ୍‌ଷ୍ଟାଣ୍ଡର ଟର୍ମିନାଲ୍ ବିଲ୍‌ଡିଂରେ ଫୁଡ୍‌କୋର୍ଟ, ପ୍ରତୀକ୍ଷାଳୟ, ଟିକେଟ କାଉଣ୍ଟର, ଅଫିସ, ପ୍ରାଥମିକ ଚିକିତ୍ସା କୋଠରି, ଦୋକାନ, ଏଟିଏମ୍, ମହିଳା ଓ ପୁରୁଷଙ୍କ ପାଇଁ ଶୌଚାଳୟର ସୁବିଧା କରାଯାଇଛି। ଏଥିସହ ବାଣିଜ୍ୟିକ ଉଦ୍ଦେଶ୍ୟରେ ୧୦ଟି ଦୋକାନ ନିର୍ମାଣ କରାଯାଇଥିବାବେଳେ ପ୍ରବେଶ ଦ୍ୱାର ନିକଟରେ ଥିବା ବିଲ୍‌ଡିଂରେ ଟିକସ ଆଦାୟ ବୁଥ୍, ପୋଲିସ ନିୟନ୍ତ୍ରଣ କକ୍ଷ ଓ ବସ୍ ରକ୍ଷଣାବେକ୍ଷଣ ୟାର୍ଡ ନିର୍ମାଣ କରାଯାଇଥିଲା। ଯାହା ଏବେ ଧ୍ୱଂସର ଧାରାରେ। ଜଳ ସଂରକ୍ଷଣ ଲକ୍ଷ୍ୟ ନେଇ ଉକ୍ତ ବସ୍‌ଷ୍ଟାଣ୍ଡରେ ଏକ ଅତ୍ୟାଧୁନିକ ଜଳ ଅମଳର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ମାତ୍ର ଉଦ୍‌ଘାଟନ ଦିନଠାରୁ ବସ୍‌ଗୁଡିକ ଷ୍ଟାଣ୍ଡକୁ ନ ଆସି କେନ୍ଦୁଝର ସହରରେ ଥିବା ଜାତୀୟ ରାଜପଥ ପାର୍ଶ୍ୱରେ ଠିଆ କରୁଛନ୍ତି। ଫଳରେ ଟ୍ରାଫିକ୍ ସମସ୍ୟା ଉପୁଜିବା ସହ ଦୁର୍ଘଟଣା ଘଟୁଛି। ତେଣୁ ତୁରନ୍ତ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

ଏନେଇ ପୁରୁଣା ସହର ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ସମ୍ପାଦକ ନବକିଶୋର ସାହୁ କହିଛନ୍ତି, ପୁରୁଣାସହରଠାରେ ନୂତନ ବସ୍‌ଷ୍ଟାଣ୍ଡ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ନିର୍ମାଣ କରାଯାଇଥିଲେ ସୁଦ୍ଧା ଏଠାକୁ ହାତଗଣତି କେତୋଟି ବସ୍ ଆସୁଛି। ଫଳରେ ମୁଖ୍ୟରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। କେନ୍ଦୁଝର ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର କୁହନ୍ତି, ନୂତନ ବସ୍‌ଷ୍ଟାଣ୍ଡରେ ବହୁ ଅତ୍ୟାଧୁନିକ ସୁବିଧା ରହିଛି। ଅନ୍ୟପକ୍ଷେ ବସ୍‌ଗୁଡ଼ିକର ସୁରକ୍ଷା ନିମନ୍ତେ କୌଣସି ବ୍ୟବସ୍ଥା ହୋଇନାହିଁ। ସେଠାରେ ଯଦି ଏକ ପୋଲିସ ଫାଣ୍ଡି ସହ ସିସିଟିଭି କ୍ୟାମେରା ଲଗାଯାଇପାରନ୍ତା ଘରୋଇ ବସ୍ ମାଲିକମାନଙ୍କୁ ପ୍ରବର୍ତ୍ତାଇ ସେଠାକୁ ବସ୍ ନେବା ପାଇଁ ଚେଷ୍ଟା କରନ୍ତୁ ବୋଲି କହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ କହିଛନ୍ତି, ଏଥିପ୍ରତି ପ୍ରଶାସନ ସମ୍ବେଦନଶୀଳ ରହିଛି। ଇତିମଧ୍ୟରେ ପରିବହନ ବିଭାଗ, କେନ୍ଦୁଝରଗଡ଼ ପୌରପାଳିକା ଏବଂ ଘରୋଇ ବସ୍‌ମାଲିକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘରୋଇ ବସ୍ ମାଲିକ ସଂଘ କେତୋଟି ଅସୁବିଧା ସମ୍ପର୍କରେ ଜଣାଇଛନ୍ତି। ଆଗାମୀ ଦିନରେ ପୁଣି ଏକ ବୈଠକ କରାଯାଇ ଏହାର ସମାଧାନ କରାଯିବାକୁ ଉଦ୍ୟମ କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ।

# ଦିଅଁ ଦର୍ଶନ କଲେ ୩୦ହଜାର ଶ୍ରଦ୍ଧାଳୁ


ଶ୍ରଦ୍ଧାଳୁମାନେ ଦିଅଁ ଦର୍ଶନ କରୁଛନ୍ତି।

### ପତିରାଜପୁର ଦୋଳମେଳଣ

ଖଇରା, ୯।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ପତିରାଜପୁରଠାରେ ଦୀର୍ଘ ୩ଶହ ବର୍ଷ ଧରି ପାଳିତ ହୋଇଆସୁଥିବା ଐତିହାସିକ ଦୋଳମେଳଣ ମଙ୍ଗଳବାର ପୂର୍ଣ୍ଣମୀ ରାତିଠାରୁ ଧୁମଧାମ୍‌ରେ ଆରମ୍ଭ ହୋଇଛି। ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦ୍ୱାର ଦେଇ ୭୨ରୁ ଉର୍ଦ୍ଧ୍ୱ ବିମାନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ମେଳା ମଣ୍ଡପକୁ ପ୍ରବେଶ କରିବା ସହ ଚାରାରୁଢ ହୋଇଥିଲେ। ଚଳିତବର୍ଷ ୩୦ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା। ବାଜା ରୋଷଣୀ ଶଙ୍ଖ ହୁଳହୁଳିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା । ଔପଦା ଥାନା ଆଇଆଇସି କମଳିନୀ ତାଣ୍ଡି ଓ ଖଇରା ତହସିଲଦାର ପ୍ରଶାନ୍ତ କୁମାର ମହାରଣାଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଏଥିସହ ଆସିଥିବା ଦର୍ଶକମାନେ ମୀନାବଜାର, ଦୋଳିର ମଜା ନେଇଥିଲେ। ସଭାପତି ପିତାମ୍ବର ପଟ୍ଟନାୟକ, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ଉପସଭାପତି ପ୍ରତାପ କୁମାର ପଣ୍ଡା, ସମ୍ପାଦକ ଗୌରାଙ୍ଗ ପାଣି, ଗୋଲକ ପ୍ରସାଦ ସାମଲ, କ୍ଷେତ୍ରମୋହନ ଖଟୁଆ, ଭୀଷ୍ମଚରଣ ନାୟକ, ସମ୍ପଦ କୁମାର ଘଡେଇ, ପ୍ରଦୀପ କୁମାର ସାମଲ, ଶିଶିର କୁମାର ସାମଲଙ୍କ ତତ୍ତ୍ୱାବଧାନରେ ମେଳାର ଶୁଭାରମ୍ଭ ହୋଇଛି । ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର ଓ ସରପଞ୍ଚ ପୁଷ୍ପଲତା ଘଡେଇ ପ୍ରମୁଖ ଦିଅଁଦର୍ଶନ ସହ ଶ୍ରଦ୍ଧାଳୁଙ୍କ ସହ ହୋଲି ଖେଳିଥିଲେ।

# ଯୌତୁକ ଜୁଇରେ ନବବଧୂ

■ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକ
■ସ୍ୱାମୀ, ଶ୍ୱଶୁର କୋର୍ଟଚାଲାଣ

ବାହାନଗା, ୯।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତ ବେଗୁନିଆ ଗ୍ରାମରେ ଜଣେ ନବବଧୂ ଯୌତୁକ ଜୁଇରେ ବଳି ପଡିଛନ୍ତି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନବବଧୂଙ୍କ ବାପ ଘର ଲୋକେ ହତ୍ୟା କରିଥିବା ଖନ୍ତାପଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଥାନାରେ ଏକ ମାମଲା(ନଂ.୫୭/୨୩) ରୁଜୁ କରାଯାଇ ଶ୍ୱଶୁର ଓ ସ୍ୱାମୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ।



ବେଗୁନିଆ ଗ୍ରାମର ରମାନାଥ ସାହୁଙ୍କ ପୁଅ ସଞ୍ଜୟ ସାହୁ ଗତ ୮ ମାସ ପୂର୍ବରୁ କପ୍ତିପଦା ଥାନା ରାଇକାଳିଆ ଗ୍ରାମର ସୁଦର୍ଶନ ବେହେରାଙ୍କ ଝିଅ ବନିତା ବେହେରା(୨୨)ଙ୍କୁ ବୈଦିକ ରୀତି ଅନୁସାରେ ଯୌତୁକ ଦେଇ ବିବାହ ହୋଇଥିଲା। ବିବାହର କିଛି ମାସ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ବନିତାଙ୍କୁ ଶାରୀରିକ ଓ ମାନସିକ ଅତ୍ୟାଚାର ଆରମ୍ଭ ହୋଇଥିଲା। ବନିତା ଏହାକୁ ବିରୋଧ କରିବାରୁ ତାଙ୍କୁ ଫାଶୀ ଦେଇ ହତ୍ୟା କରାଯାଇଥିବା ତାଙ୍କ ବାପା ଖନ୍ତାପଡା ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଏକ ବନ୍ଦ କୋଠରୀ ଭିତରୁ ବନିତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ବନିତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସଦର ଏସ୍‌ଡିପିଓ ଶଶାଙ୍କ ଶେଖର ବେଉରା, ଖନ୍ତାପଡା ଥାନା ଅଧିକାରୀ ବିମଳ କୁମାର ନାୟକ, ଏସ୍‌ଆଇ ଆଶୁତୋଷ ଦାସ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିଥିଲେ। ପୋଲିସ ମୃତ ମହିଳାଙ୍କ ଶ୍ୱଶୁର ରମାନାଥ ସାହୁ, ସ୍ୱାମୀ ସଞ୍ଜୟ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଅସୁସ୍ଥ ଦନ୍ତା ଆକ୍ରମଣରେ ବନ କର୍ମଚାରୀ ଗୁରୁତର

### ଟ୍ରାଙ୍କୁଲାଇଜ୍ ପରେ ଚିକିତ୍ସା ଜାରି

ନୀଳଗିରି, ୯।୩(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟରେ କିଛି ଦିନ ତଳେ ଦୁଇଟି ଦନ୍ତା ମଧ୍ୟରେ ଲଢ଼େଇ ଯୋଗୁ ଗୋଟିଏ ଦନ୍ତା ଅସୁସ୍ଥ ହୋଇ ପଡ଼ିଥିଲା। ଅସୁସ୍ଥ ଦନ୍ତାକୁ ଚିକିତ୍ସା କରିବାକୁ ବନ ବିଭାଗ ଆପ୍ରାଣ ଉଦ୍ୟମ କରି ୪ଦିନ ପରେ ଟ୍ରାଙ୍କୁଲାଇଜ୍ କରିବାରେ ସଫଳ ହୋଇଛି। ଦନ୍ତା ଆକ୍ରମଣରେ ବନବିଭାଗ କର୍ମଚାରୀ ଗୁରୁତର ହୋଇଛନ୍ତି।

ଅଭୟାରଣ୍ୟରେ ଶୁକ୍ରବାରଠାରୁ ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଟିମ୍ ପଞ୍ଚଲିଙ୍ଗେଶ୍ୱର ନିକଟ ଖୁମକୁଟ୍‌ଠାରେ ଜଗିରହିଥିଲେ। ଅହୋରାତ୍ର ଉଦ୍ୟମର ୪ଦିନ ପରେ ବନବିଭାଗ ହାତୀକୁ ଟ୍ରାଙ୍କୁଲାଇଜ କରିଥିଲା। ଏହାର କିଛି ଘଣ୍ଟା ପରେ ଦନ୍ତା ଗୋଡ଼ାଇବା ଯୋଗୁ ପ୍ରାଣ ବିକଳରେ ଦୌଡ଼ିବା ବେଳେ ମହିଳା ଫରେଷ୍ଟଗାର୍ଡ଼ ଶଶୀକଳା ସାହୁ ଗୁରୁତର ହୋଇଥିଲେ। ସହକର୍ମୀମାନେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଜଙ୍ଗଲରୁ ଉଦ୍ଧାର କରି ନୀଳଗିରି ମେଡିକାଲରେ ଭର୍ତ୍ତି କରିଛନ୍ତି। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୂର୍ବରୁ ସ୍ୱତନ୍ତ୍ର ଟିମ୍ ଏବଂ ବାରିପଦା ଆରସିସିଏଫ୍ ଟି. ଅଶୋକ କୁମାର, ବାଲେଶ୍ୱରର ନୂତନ ଡିଏଫ୍‌ଓ ଖୁସୱନ୍ତ ସିଂହ ପ୍ରମୁଖ ମଧ୍ୟ କ୍ଷେତ୍ର ପରିଦର୍ଶନ କରି ଫେରିଥିଲେ।

# ମଦ ବେପାରୀ ଗିରଫ

ବେତନଟୀ,୯।୩ (ଡି.ଏନ.ଏ.)

ବେତନଟୀ ଅବକାରୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପୁରୁଣା ପାଣି ଛକ ନିକଟରେ ଏକ ବାଇକ୍‌ରୁ ୨୦ ଲିଟର ଦେଶୀ ମଦ ବେତନଟୀ ଅବକାରୀ ବିଭାଗ ଜବତ କରିଛି। ଏହି ଘଟଣାରେ ମଦ ବେପାରୀ ବୈଶିଙ୍ଗା ଥାନା ଅଧୀନ ଶଇଦିପୁର ଗ୍ରାମର ରାଜୁ ମହାନ୍ତ (୨୭)ଙ୍କୁ ଗିରଫ କରାଯାଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା(ନଂ. ୨୬୫/୨୩) ରୁଜୁ ହୋଇଛି।

# ୧୯୮ କେନ୍ଦ୍ରରେ ୩୫,୨୧୪ ପରୀକ୍ଷାର୍ଥୀ

### ମାଟ୍ରିକ୍ ପରୀକ୍ଷା

ବାରିପଦା ଅଫିସ,୯।୩

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ମୟୂରଭଞ୍ଜ ଜିଲାର ୬୧୧ଟି ହାଇସ୍କୁଲର ୩୫,୨୧୪ଜଣ ପରୀକ୍ଷାର୍ଥୀ ୧୯୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ୨୩ଟି ସରକାରୀ, ୨୨୭ଟି ନୂତନ ସରକାରୀ, ୨୦୨ଟି ବ୍ଲକ ଗ୍ରାଣ୍ଟ ଓ ୪୨ଟି ଟିଆରଡବ୍ଲ୍ୟୁ ସ୍କୁଲ ରହିଥିବା ବେଳେ ଅବଶିଷ୍ଟ ୧୧୭ଟି ବିଭିନ୍ନ ବର୍ଗର ସ୍କୁଲ ରହିଛି। ଏହି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୩୦ଟି ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କରାଯାଇଛି। ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପ୍ରଶାସନିକ ଅଧିକାରୀଙ୍କ ସହିତ ସ୍ୱତନ୍ତ୍ର ପୋଲିସ ମୃତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସଫଳତାର ସହ ତ୍ରୁଟିଶୂନ୍ୟ ଭାବେ ପରୀକ୍ଷାକୁ ପରିଚଳାନା କରିବା ନିମନ୍ତେ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି ।

ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ପରୀକ୍ଷା ହେବାକୁ ଥିବା ବେଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ଗଚ୍ଛିତ ରହିଛି। ୨୩ଟି ନୋଡାଲ ସେଣ୍ଟର ଅଧୀନରେ ୫୬ ଡେସ୍‌ପାଚିଂ ଟିମ୍ ମାଧ୍ୟମରେ ପରୀକ୍ଷାର ଘଣ୍ଟାଏ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବାର ବ୍ୟବସ୍ଥା କରାଯାଇଛି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୬ଟି ଅଧିକ ନୂଆ ପରୀକ୍ଷା କେନ୍ଦ୍ର କରାଯାଇଛି। ଚଳିତ ବର୍ଷ ନିଜ ସ୍କୁଲରେ ପରୀକ୍ଷାର୍ଥୀ ପରୀକ୍ଷା ଦେବା ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯାଇଛି। ପୂର୍ବରୁ ୨୩ଟି ହାଇସ୍କୁଲକୁ ବାଦ୍ ଦେଲେ ଅନ୍ୟ ହାଇସ୍କୁଲର ପରୀକ୍ଷାର୍ଥୀ ନିଜ ସ୍କୁଲ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଜିଲାରେ ନିରପେକ୍ଷ ଭାବେ ପରୀକ୍ଷା ପରିଚାଳନା ନିମନ୍ତେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ର ଅଧିକ୍ଷକ ଓ ଦାୟିତ୍ୱରେ ରହିବାକୁ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପୂର୍ବରୁ ତାଲିମ ପ୍ରଦାନ କରାଯାଇଛି। ପରୀକ୍ଷାରେ କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ଅସାଧୁ ଉପାୟ ଅବଲମ୍ବନ ହେଲେ ପରୀକ୍ଷକ, ଅଧିକ୍ଷକ ଓ ଛାତ୍ରୀଛାତ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ସୁମିତ୍ରା


@ଧରିତ୍ରୀ


@ବିଶାଲ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# କପାଳୀକ୍ଷେତ୍ର, ଗୋପୀନାଥପୁର ଗୋବିନ୍ଦଜୀଉ ମେଳଣ

ବନ୍ତ,୯।୩(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ନିମାପଡ଼ା କପାଳୀକ୍ଷେତ୍ରରେ ଦୋଳପୂର୍ଣ୍ଣିମାରେ ରାଧାକୃଷ୍ଣ ମେଳଣ ଅନୁଷ୍ଠିତ ହୋଇଯାଇଛି। ପତିତପାବନ ଅଭିରାମ ପରମହଂସ ରାଧାକୃଷ୍ଣ ଜୀଉ ମଠ ପକ୍ଷରୁ ପ୍ରତିବର୍ଷ ପରି ଆୟୋଜିତ ଦୋଳ ମେଳଣରେ ଆଖପାଖ ୧୭ ଗ୍ରାମରୁ ସୁସଜ୍ଜିତ ରାଧାକୃଷ୍ଣ ବିମାନ ସାମିଲ ହୋଇଥିଲେ। ଭକ୍ତମାନେ ବାଦ୍ୟ ସଂକୀର୍ତ୍ତନ ସହ ବିମାନଗୁଡ଼ିକୁ କାନ୍ଧେଇ ଜଗନ୍ନାଥ ମନ୍ଦିର ଓ ମଠ ପରିକ୍ରମା କରିବା ପରେ ମେଳଣସ୍ଥଳ ମଣ୍ଡପରେ ରଖାଯାଇଥିଲା। ୩ଦିନ ଧରି ଅଷ୍ଟପ୍ରହରୀ ସହ ପାରମ୍ପରିକ ଲଉଡ଼ି ଖେଳ ଆୟୋଜନ କରାଯାଇଥିଲା। ମଠର ତତ୍ତ୍ୱାବଧାରକ ରବୀନ୍ଦ୍ର କରଙ୍କ ପ୍ରୟାସରେ ୨୬ବର୍ଷ ଧରି ଏହି ମେଳଣ ଅନୁଷ୍ଠିତ ହୋଇଆସୁଛି। ନିମାପଡ଼ା ଗ୍ରାମଦେବତୀ ମା' ଥାନପତିଙ୍କ ପୀଠରେ ଗ୍ରାମବାସୀଙ୍କ ପକ୍ଷରୁ ଯଜ୍ଞ ଆୟୋଜନ କରାଯାଇଥିଲା। ସେହିପରି ଗୋପିନାଥପୁର ଗୋବିନ୍ଦଜୀଉ ମେଳଣ ଏଥର ୯୧ବର୍ଷରେ ପଦାର୍ପଣ କରିଥିଲା। ବାଲେଶ୍ୱର ଜିଲା ଖଇରା ବ୍ଲକ ବେଲଗଡିଆ ଗ୍ରାମରୁ ମେଳଣକୁ ପ୍ରତିବର୍ଷ ଆସୁଥିବା ଗୋବିନ୍ଦ ଜୀଉ ମୁଖ୍ୟ ଆକର୍ଷଣ। ମେଳଣ ଅବସରରେ ଗ୍ରାମବାସୀଙ୍କ ଉଦ୍ୟମରେ ପ୍ରତିବର୍ଷ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ମେଳଣକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ପ୍ରଶାସନ ପକ୍ଷରୁ ସରପଞ୍ଚଙ୍କ ନେତୃତ୍ୱରେ ଏକ ଶାନ୍ତି କମିଟି ଗଠନ ହୋଇଥିଲା। ଆଗରପଡ଼ା ଥାନାଧିକାରୀଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ବେଳେ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ ଉପସ୍ଥିତ ରହି ତଦାରଖ କରିଥିଲେ।

# ଭାଇଚାରା ବାର୍ତ୍ତା ଦିଏ ରାମରହିମ ମେଳଣ


ରାମଗଡ଼ ମେଳଣରେ ସାମିଲ ହୋଇଥିବା ସୁସଜ୍ଜିତ ବିମାନ।

ଭଦ୍ରକ ଅଫିସ,୯।୩

ଭଦ୍ରକ ଜିଲା ଆଗରପଡ଼ା ରାମଗଡ଼ ମେଳଣରେ ୬୦ରୁ ଉର୍ଦ୍ଧ୍ୱ ଦୋଳ ବିମାନ ସାମିଲ ହୋଇଥିଲା। ଏହି ମେଳଣକୁ ରାମରହିମ ମେଳଣ ବୋଲି କୁହାଯାଏ। ବିମାନଶୋଭାଯାତ୍ରାରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ସାମିଲ ହୋଇ ଭାଇଚାରାର ବାର୍ତ୍ତା ବାଣ୍ଟିଥାନ୍ତି। ବୁଧବାର ଭୋର ୪ଟାରୁ ରଜାଗଡ଼, ପୁରୁଷଣ୍ଡ, କାଣ୍ଡବା, ମହାନ୍ତିପଡ଼ା, ନୂଆପୋଖରୀ ଆଦି ବିଭିନ୍ନ ଗ୍ରାମରୁ ସୁସଜ୍ଜିତ ରାଧାକୃଷ୍ଣ ବିମାନ ରାଜଗଡ଼ଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ରାମଗଡ଼ ମେଳଣ ପଡ଼ିଆରେ ପହଞ୍ଚିବା ପରେ ଦୋଳ ମଣ୍ଡପରେ ବିମାନଗୁଡ଼ିକୁ ବିରାଜିତ କରାଯାଇଥିଲା। ଦୋଳ କମିଟି ଓ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ମେଳଣ ପଡ଼ିଆରେ ବିଭିନ୍ନ ପ୍ରକାର ଦୋକାନ ଖୋଲିଥିବା ବେଳେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

